# କଣାସ ଅଞ୍ଚଳରେ ଝାଡାବାନ୍ତି ଅଣାୟତ୍ତ; ଶତାଧିକ ଆକ୍ରାନ୍ତ

କଣାସ,୨୦।୧(ସମିସ):

କଣାସ ବ୍ଲକର ଗଡିଶାଗୋଦା ପଞ୍ଚାୟତ ନୂଆଗାଁ ଗ୍ରାମ ସମେତ ଆଖପାଖ ଗ୍ରାମରେ ଝାଡ଼ାବାନ୍ତି ଉଗ୍ରରୂପ ଧାରଣ କରିଛି। ଗତ ୨ ସପ୍ତାହ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଝାଡ଼ାବାନ୍ତିରେ ୪ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆକ୍ରାନ୍ତ ହେଲେଣି। ଆଜି ନୂଆଗାଁ, ନଇକୂଳପାଟଣା, ଯାଗୁଳେଇପଦର, କଳାପଦର, ଗୋପିନାଥପୁର, ହରିପୁର, ଗଡିଶାଗୋଦା, ଯାମଳଗୋଦା, ପାଣ୍ଡିଆକେରା ପଞ୍ଚାୟତ ଶିମିଳିପାଟଣା, ବଡାସ ପଞ୍ଚାୟତ ବାଲିପାଟଣା ଗ୍ରାମରେ କେତେକ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୟାନଦୀ ଜଳ ପ୍ରଦୂଷିତ ଯୋଗୁଁ ଝାଡାବାନ୍ତି ବ୍ୟାପୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ର ଓ ଉପଜିଲ୍ଲାପାଳ ରାଜକିଶୋର ଦାସ ସୂଚନା ଦେବାସହ ଆଖପାଖ ଗ୍ରାମବାସୀଙ୍କୁ ସଚେତନ କରାଉଛନ୍ତି। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ .ଲିଛି।

## ଆକ୍ରାନ୍ତଙ୍କୁ ଭେଟିଲେ ସାଂସଦ ଓ ବିଧାୟକ



ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଓ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଆଜି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସିତ ହେଉଥିବା ୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ପଚାରି ବୁଝିବା ସହିତ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଏକ ବୈଠକରେ ଯୋଗଦେଇ କିପରି ଝାଡାବାନ୍ତି ନିୟନ୍ତ୍ରଣ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସାଂସଦଙ୍କ ସହିତ ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଦାସ, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁଶେଖର ଗିରି, କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ ଓ ଡାକ୍ତର ଉପସ୍ଥିତ ରହିଥିଲେ। ବୈଠକ ପରେ ସାଂସଦ ଝାଡାବାନ୍ତି ବ୍ୟାପିଥିବା ନୂଆଗାଁ, ନଇକୂଳପାଟଣା, ଗଡିଶାଗୋଦା, ଯାଗୁଳେଇପଦର, କଳାପଦର, ଗୋପିନାଥପୁର ଗ୍ରାମ ପରିଦର୍ଶନ କରିଥିଲେ।

## ଜିଲ୍ଲାପାଳଙ୍କ ବିରୋଧରେ ଥାନାରେ ଏତଲା



ଦୟା ସୁରକ୍ଷା ଅଭିଯାନର କର୍ମୀ ସଚ୍ଚିକାନ୍ତ ପ୍ରଧାନ, କିଶାନ ପଟ୍ଟନାୟକ, କସ୍ତୁରୀଚରଣ ବଳିୟାରସିଂହ, ଅଭିମନ୍ୟୁ ଭୋଇ, ଉମାକାନ୍ତ ସ୍ୱାଇଁ, ସୁଦର୍ଶନ ଦାସ, ପ୍ରସନ୍ନ ବିଷୋୟୀ ଜିଲ୍ଲାପାଳଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ କରିଛନ୍ତି। ରାଜ୍ୟସରକାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦୟାନଦୀ ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ଘୋଷଣା କରିଛନ୍ତି। ଏସବୁ ସତ୍ତ୍ୱେ ଜିଲ୍ଲାପାଳ ଏହାର ଉତ୍ତରଦାୟୀ ହୋଇଥିବା ବେଳେ ଲୋକେ ମୃତ୍ୟୁ ମୁଖରେ ପଡ଼ିବା ନେଇ ଜିଲ୍ଲାପାଳଙ୍କ ବିରୋଧରେ ଏତଲା ଦିଆଯାଇଛି।

## ନଦୀ ଘାଟରେ ଦିଆଗଲା ବାଉଁଶ ବାଡ଼



ଦୟା ନଦୀର ଜଳରେ ଡାଇରିଆ ଭୂତାଣୁ ଥିବା ଜିଲ୍ଲା ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ର ସୂଚନା ଦେବା ସହ ନଦୀ ଜଳ ବ୍ୟବହାର ନ କରିବାକୁ ସଚେତନ କରିଛନ୍ତି। ଫଳରେ ୬ଟି ଘାଟରେ ଆଜି ବାଉଁଶ ବାଡ ଦିଆଯାଇଥିବା ଦେଖିବାକୁ ମିଳିଛି।

# ବରିଷ୍ଠ ନାଗରିକଙ୍କ ମାନସିକ ସୁସ୍ଥତା ସମ୍ପର୍କିତ ଆଲୋଚନାଚକ୍ର

ପିପିଲି,୨୦।୧(ସମିସ): ଉତ୍ତରା ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଆୟୋଜିତ ଓ ହେଲ୍ପ ଏଜ୍ ଇଣ୍ଡିଆ ପ୍ରାୟୋଜିତ ଏକ ଆଲୋଚନାଚକ୍ର ମଞ୍ଚର ସଭାପତି ଡ. ଅମରେନ୍ଦ୍ର ନାଥ ମହାନ୍ତି ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତି ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚର ବରିଷ୍ଠ ସଭ୍ୟ ଦେବଦତ୍ତ ବିଶ୍ୱଜୀବନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ହେଲ୍ପ ଏଜ୍ ଇଣ୍ଡିଆର ଅଧିକାରୀ ସୁଶ୍ରୀ ଅନସୂୟା ଦାଶ ଓ ସୁଶ୍ରୀ ଦେବଶ୍ରୀ ବ୍ରହ୍ମା ବିଷୟବସ୍ତୁ ଉପରେ ସୂଚନା ପ୍ରଦାନ କରିଥିଲେ। ଅଭିଜ୍ଞ ବରିଷ୍ଠ ଡାକ୍ତର ନିବେଦିତା ମହାନ୍ତି ମାନସିକ ରୋଗର କାରଣ ଓ ତା'ର ନିରାକରଣ ସମ୍ପର୍କରେ ବୁଝାଇଥିଲେ। ମଞ୍ଚର ସଭ୍ୟମାନେ ଆଲୋଚନା ମାଧ୍ୟମରେ ବିଭିନ୍ନ ପ୍ରଶ୍ନ ପଚାରି ସେମାନଙ୍କର ସନ୍ଦେହ ଦୂରୀଭୂତ କରିଥିଲେ। ଏହି ସଭାରେ ଓଡିଶା ବରିଷ୍ଠ ନାଗରିକ ଫେଡେରେସନର ସଭାପତି ଡ଼. ମଧୁବାବନ ଜେନା ଏବଂ ସାଧାରଣ ସମ୍ପାଦକ ଡ଼. ଯୁଗଳ କିଶୋର ସାହୁ ଯୋଗ ଦେଇଥିଲେ। ମଞ୍ଚର ସାଧାରଣ ସମ୍ପାଦକ ବେଣୁଧର ନାୟକ, ସଭ୍ୟ ଜୟୀରାମ ବିଶ୍ୱାଳ, ଭବାନୀ ଚରଣ ତ୍ରିପାଠୀ, ଶିବ ପ୍ରସାଦ ସାହାଣୀ, ଆନନ୍ଦ ଚରଣ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ଦାଶ, ମୁକୁନ୍ଦ ଚରଣ ସାହୁ, ଶରତ ଚନ୍ଦ୍ର ରାୟ, ସଚ୍ଚିକାନ୍ତ ମହାପାତ୍ର, ତ୍ରିନାଥ ସାମନ୍ତରାୟ, ନୃସିଂହ ଚରଣ ପାଣିଗ୍ରାହୀ ଓ ଗୋପୀନାଥ ମଲ୍ଲିକ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ନିରାକାରପୁର,୨୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଓଳସିଂହ ରଘୁନାଥ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ଦାଶ ଯୋଗଦେଇ ବାଳିକାମାନେ କିପରି ଆତ୍ମରକ୍ଷା କୌଶଳ ଜରିଆରେ ବିପଦରୁ ରକ୍ଷା ପାଇବେ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ୯୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷକ ଭାବେ ସ୍ୱାଗତିକା ପାତ୍ର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ସଂଯୋଜିକା କୀର୍ତ୍ତିବାଳା ରଥ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ଜାଗେଶ୍ୱରୀ ବିଦ୍ୟାପୀଠ ପୁରାତନ ଛାତ୍ର ସମ୍ମିଳନୀ



ସାକ୍ଷୀଗୋପାଳ,୨୦।୧ (ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମସ୍ଥିତ ଜାଗେଶ୍ୱରୀ ବିଦ୍ୟାପୀଠର ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧଉଳି ଶାନ୍ତିସ୍ତୂପ ନିକଟ ଧଉଳି ଗାର୍ଡେନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାଗେଶ୍ୱରୀ ବିଦ୍ୟାପୀଠ ୧୯ ୯୪ ବ୍ୟାଚର ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ପୁରାତନ ଛାତ୍ରଛାତ୍ରୀ ସପରିବାର ଯୋଗଦେଇ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ସମସ୍ତେ ନିଜ ନିଜର ସ୍ମୃତି ଅନୁଭୂତି ବଖାଣିବା ସହ ଦିବଂଗତ ବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ଏ ନେଇ ଆୟୋଜିତ ସଭାରେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗକୁ ସମ୍ବର୍ଦ୍ଧନା ଉତ୍ସବ, ସ୍ମରଣିକା ପ୍ରକାଶନ ଓ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷରେ ଯେଉଁମାନେ ଦୂରରେ ରହି କାର୍ଯ୍ୟକ୍ରମରେ ଯୋଗ ଦେଇପାରି ନ ଥିଲେ ବି ଏଥିପାଇଁ ଉତ୍ସାହିତ କରିଥିଲେ ସେମାନଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା।

# ଦୁର୍ଘଟଣାରେ ମୃତ ନେତାଙ୍କ ପରିବାରକୁ ଭେଟିଲେ ଉପ ମୁଖ୍ୟମନ୍ତ୍ରୀ

ବଳଙ୍ଗା,୨୦।୧(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଇନ୍ଦ୍ରମଣି ସାହୁଙ୍କର ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ଶ୍ରୀ ସାହୁ ବଳଙ୍ଗା ମଣ୍ଡଳର ଉପ ସଭାପତି ଥିଲେ। ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଗୋପୀନାଥପୁର ଗ୍ରାମରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହିତ ସ୍ୱର୍ଗତ ସାହୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ଦଳର ଅପୂରଣୀୟ କ୍ଷତି ହୋଇଥିବା ଉପ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଉପ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ, ବଳଙ୍ଗା ପଞ୍ଚାୟତ ସଭାପତି ପ୍ରଭାକର ନାୟକ, ରଞ୍ଜନ କୁମାର ପ୍ରଧାନ, ପ୍ରସନ୍ନ କୁମାର ଦାଶ, ଜୟଦେବ ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଚିଲିକାରେ ବିପଦପୂର୍ଣ୍ଣ ଯାତ୍ରା



କୃଷ୍ଣପ୍ରସାଦ,୨୦।୧(ସମିସ):

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସାତପଡା ଚିଲିକାରେ ଡଲଫିନ ଗଣନା ସୋମବାରଠାରୁ ଆରମ୍ଭ ହୋଇଛି। ଡଲଫିନ ଗଣନା ସମୟରେ ଯେପରି କୌଣସି ବ୍ୟାହତ ନ ଘଟିବ ସେଥିପାଇଁ ଚିଲିକାରେ ଲଞ୍ଚ, ବୋଟ ଆଦି ଚଳପ୍ରଚଳ ନିଷେଧ କରାଯାଇଛି। ଅଳ୍ପ କିଛି ଲଞ୍ଚ, ବୋଟ ଚଳାଚଳ କରୁଥିବାରୁ ଆବଶ୍ୟକତାଠାରୁ ଅଧିକ ଲୋକ ବିପଦଜନକ ଯାତ୍ରା କରୁଛନ୍ତି। ଗୋଟିଏ ଡଙ୍ଗାରେ ୨୦ ଯାତ୍ରୀ ଯିବା ସ୍ଥାନରେ ୭୦ରୁ ୮୦ ଯାତ୍ରୀଙ୍କ ସହ ୨୦ ମଟର ସାଇକେଲ ଲଦା ହୋଇ ଯାଉଥିବା ଦେଖିବାକୁ ମିଳିଛି। ଜରୁରୀ କାର୍ଯ୍ୟ ଥିବା ଲୋକେ ମରଣକୁ ଖାତିର ନ କରି ଚଳପ୍ରଚଳ କରିଛନ୍ତି। ଲଞ୍ଚ ଓ ଡ଼ଙ୍ଗାରେ ଅଧିକ ଯାତ୍ରୀ ବିପଦପୂର୍ଣ୍ଣ ଯାତ୍ରା କରୁଥିଲେ ହେଁ ଏଥିପ୍ରତି ପ୍ରଶାସନର କୌଣସି ରୋକ୍ ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ମୁଗ ଓ ବିରି ବିହନ ବଣ୍ଟନ




ବଳଙ୍ଗା,୨୦।୧(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର, ବଳଙ୍ଗା, ହରିପୁର, ଗଡପଦନପୁର ପ୍ରଭୃତି ପଞ୍ଚାୟତରେ କୃଷି ବିଭାଗ ତରଫରୁ ମୁଗ ଓ ବିରି ବିହନ ଚାଷୀମାନଙ୍କୁ ବଣ୍ଟନ କରାଯାଇଛି। ଏଥି ସହିତ କୀଟନାଶକ ଔଷଧ ମଧ୍ୟ ଦିଆଯାଇଛି। ପଞ୍ଚାୟତ କୃଷି ଅଧିକାରୀ ବିପିନ କୁମାର ସାହୁ ପ୍ରତ୍ୟେକ ପଞ୍ଚାୟତ ବୁଲି ଚାଷୀ ମାନଙ୍କୁ ବିହନ ଓ ଔଷଧ ବାଣ୍ଟିବା ସହିତ ବିହନ ଗୁଡିକ କିପରି ଗଜା କରି ବିଲରେ ବୁଣିଲେ ସମ୍ପୂର୍ଣ୍ଣ ଗଛ ଉଠିବ ବୋଲି ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି। ଏପର୍ଯ୍ୟନ୍ତ ପ୍ରାୟ ୧୦୦ ହେକ୍ଟର ଜମି ପାଇଁ ବିହନ ଯୋଗାଇ ଦିଆଯାଇଥିବା କୃଷି ଅଧିକାରୀ ବିପିନ କୁମାର ସାହୁ ସୂଚନା ଦେଇଛନ୍ତି।

# ସତ୍ୟବାଦୀ ବ୍ଲକରେ ବର୍ଦ୍ଧିତ ଭତ୍ତା ବଣ୍ଟନ କଲେ ସାଂସଦ ଓ ବିଧାୟକ

ସାକ୍ଷୀଗୋପାଳ,୨୦।୧(ସମିସ): ସତ୍ୟବାଦୀ ବ୍ଲକରେ ପୁରୀ ସାଂସଦ ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଛନ୍ତି। ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ବ୍ଲକ କଳାକାର ସଂଘ ସଭାପତି ରମେଶଚନ୍ଦ୍ର ପଲେଇ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡା କହିଛନ୍ତି



ସତ୍ୟବାଦୀ ବ୍ଲକରେ ୧୭୪୩୬ ଜଣ ବରିଷ୍ଠ ନାଗରିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଭତ୍ତା ପାଇ ଆସୁଛନ୍ତି। ଜିଲା କାର୍ଯ୍ୟାଳୟରେ ୧୫୦୦ ଭତ୍ତା ଆଶାୟୀଙ୍କ ଦରଖାସ୍ତ ପଡି ରହିଛି। ସରକାର ଅବଶିଷ୍ଟ ବରିଷ୍ଠ ନାଗରିକ ମାନଙ୍କୁ ବର୍ଦ୍ଧିତ ୩ହଜାର ଟଙ୍କା ତୁରନ୍ତ ଦେବାପାଇଁ ସେ ସରକାରଙ୍କୁ ନିବେଦନ କରିଛନ୍ତି। ଅନ୍ୟ ପକ୍ଷରେ ୮୦ ବର୍ଷରୁ ଅଧିକ ଦିବ୍ୟାଙ୍ଗମାନଙ୍କୁ ସକାଳୁ ଡାକି ସନ୍ଧ୍ୟାରେ ଛାଡ଼ିବା କେତେଦୂର ଠିକ ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି।

୬୪୬ ଜଣ ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୧୭୧ ଜଣ ଦିବ୍ୟାଙ୍ଗଙ୍କୁ ଅତିଥିମାନେ ଭତ୍ତା ବଣ୍ଟନ କରିଥିଲେ। ଏଥିରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଲିପ୍ସା ରାୟ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ ଓ ବ୍ଲକର

# ବର୍ଦ୍ଧିତ ଭତ୍ତା ପାଇଲେ ୨୪୦୪ ଜଣ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ

## ● ୩ ଜଣ ଭିନ୍ନକ୍ଷମଙ୍କୁ ଇ-ରିକ୍ସା ପ୍ରଦାନ

ଡେଲାଙ୍ଗ,୨୦।୧(ସମିସ):

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସାଂସଦ ଡ.ସମ୍ବିତ ପାତ୍ର ଓ ବିଧାୟକ ଆଶ୍ରିତ ପଟ୍ଟନାୟକ ବ୍ଲକର ୨୧ଟି ପଞ୍ଚାୟତର ୨୪୦୪ ଜଣ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କୁ ୩୫୦୦ ଟଙ୍କା ଲେଖାଏଁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଛନ୍ତି। ୨୪୦୪ ଜଣଙ୍କ ମଧ୍ୟରୁ ୪୫୫ ଜଣ ଭିନ୍ନକ୍ଷମ ଓ ୧୯୪୯ ଜଣ ବୃଦ୍ଧବୃଦ୍ଧା ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୧୨ ଜଣଙ୍କୁ ନଗଦ ଓ ୧୪୯୨ ଜଣଙ୍କ ବ୍ୟାଙ୍କ ଖାତାକୁ ବର୍ଦ୍ଧିତ ଭତ୍ତା ଟଙ୍କା ପଠାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷିରେ ବେରବୋଇ ପଞ୍ଚାୟତର ପ୍ରଦୀପ ବାରିକ, ସିଂହବ୍ରହ୍ମପୁର ପଞ୍ଚାୟତର ଲଲାଟ କିଶୋର ସ୍ୱାଇଁ ଓ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତର ସନ୍ତୋଷ ପ୍ରଧାନଙ୍କୁ ବ୍ୟାଟେରୀ ଚାଳିତ ୩ଚକିଆ ଯାତ୍ରୀବାହୀ ଇ-ରିକ୍ସା ପ୍ରଦାନ କରାଯାଇଛି। ଏହି ଅବସରରେ ବିଡିଓ କ୍ଷିତିଶ ଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷା ଦୁର୍ବାଶା ନିଶଙ୍କ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତପନ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ





ନିମାପଡା,୨୦।୧(ସମିସ):

କପିଳେଶ୍ୱର ସେବା ସମବାୟ ସମିତି ପକ୍ଷରୁ ସୋମବାର ଏବିଡିଓ ପ୍ରିୟଦର୍ଶିନୀ ବରାଳଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ପଦ୍ମଲୋଚନ ମହାନ୍ତି, ନିମାପଡା-ପୁରୀ କେନ୍ଦ୍ର ସମ୍ବାୟ ବ୍ୟାଙ୍କ ପରିଚାଳିକ ଜସ୍ମିତା ବେହେରା, ପାଟପୁର ଆଇଆଇ ନିର୍ଝରିଣୀ ଭୋଇ, ଆରଏମସି ହିସାବ ନିରୀକ୍ଷକ ବିଜୟ କୁମାର ସ୍ୱାଇଁ, କୃଷି ବିଭାଗ ସହ-ଅଧିକାରୀ ଶ୍ରୀକାନ୍ତ ବଢେଇ, ପୂର୍ବତନ ସଭାପତି ବ୍ରଜେନ୍ଦ୍ର ପ୍ରଧାନ, ସମିତି ସମ୍ପାଦିକା ତେଜସ୍ୱିନୀ ଦାଶ, କେନ୍ଦ୍ର ବ୍ୟାଙ୍କ ସୁପରଭାଇଜର ଦେବାଶୀଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଆଜି ପ୍ରଥମ ଦିନରେ ୪ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଛି।

**ଅସ୍ତରଙ୍ଗ:** ଅସ୍ତରଙ୍ଗ ବ୍ଲକ ନଈଗୁଆଁ ସେବା ସମବାୟ ସମିତିର ଧାନ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମିତି ସଭାପତି ପର୍ଶୁରାମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଚାଷୀ ବିଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ମୁଦୁଲୀ, ଶିବ ଚରଣ ମୁଦୁଲୀ, ଧ୍ରୁବ ଚରଣ ସ୍ୱାଇଁ, ଦେବେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଚଳିତ ଖରିଫ ଋତୁର ପ୍ରଥମ ଧାନ ଉକ୍ତ ମଣ୍ଡିରୁ ସମୁଦାୟ ୭ ଜଣ ଚାଷୀଙ୍କ ନିକଟରୁ ୪୨୫ କ୍ୱିଣ୍ଟାଲ ସଂଗ୍ରହ କରାଯାଇଛି। ସୋସାଇଟି ସମ୍ପାଦକ ପ୍ରକାଶ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ବାଙ୍ଗୁରିଗାଁ:** ପୁରୀଜିଲ୍ଲା ସମ୍ମିଳିତ ପୁରୀ-ନିମାପଡା କେନ୍ଦ୍ର ସମବାୟ ଲିଃ କାକଟପୁର ଶାଖା ଅଧୀନ ବାଙ୍ଗୁରିଗାଁ ସେବା ସମବାୟ ସମିତି ପକ୍ଷରୁ ବହୁ ପ୍ରତୀକ୍ଷାର ଅନ୍ତ ଘଟି ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଅଛି। ସମିତିର ସଭାପତି ବିଜୟ ଖଟୋଇ, ସମ୍ପାଦକ ସୁନାକାର ରାଉତ, ନୋଡାଲ ଅଧିକାରୀ ଆରଆଇ ଜସ୍ମିନ ଦାସ, ସରପଞ୍ଚ ପାର୍ଥ ବେହେରା, ସଲ୍ୟନ କୁମାର ପାତ୍ର, ଆରଏମସି ନିମାପଡା ମାନ ନିରୂପଣ ଅଧିକାରୀ ଅନୁ ଚରଣ ପାତ୍ର, ଅଭିମନ୍ୟୁ ଖଟୋଇ, ନୀଳମଣି ରାଉତ, ମାଗୁଣି କାଣ୍ଡିଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଛି। ବାଙ୍ଗୁରିଗାଁ ସମିତି ପକ୍ଷରୁ ୨୩୦ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଆଜି ୧୮ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ ହୋଇଛି।

# ଶ୍ରୀକ୍ଷେତ୍ର ସିଟି

୨୦/୧/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୪,୮୩୯/- ସୁନା: ୦୪.୭୦୦ ଗ୍ରାମ୍ ରୁପା: ୧୨୨.୧୦୦ ଗ୍ରାମ୍





## ଚିଲିକାରେ ଡଲ୍‌ଫିନ ଗଣନା ଆରମ୍ଭ



ପୁରୀ,୨୦ା୧(ସମିସ): ଚିଲିକାରେ ସୋମବାରଠାରୁ ଡଲ୍‌ଫିନ ଗଣନା ଆରମ୍ଭ ହୋଇଛି। ଏହା ତିନିଦିନ ଧରି ଚାଲିବ। ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନରେ ୧୦ଟି ଟିମ୍ ଚିଲିକାର ସେଣ୍ଟ୍ରାଲ ସଦର୍ଣ୍ଣ ଅଞ୍ଚଳରେ ଗଣନା ଆରମ୍ଭ କରିଥିବା ବେଳେ ସାତପଡ଼ାରୁ ୮ ଟିମ୍ ନଦର୍ଣ୍ଣ ଆଉଟର ଚ୍ୟାନେଲରେ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମୋଟ ୧୮ ଟି ଟିମ୍ ଡଲ୍‌ଫିନ ଗଣନାରେ ସାମିଲ ଅଛନ୍ତି। ପ୍ରତ୍ୟେକ ଟିମ୍‌ରେ ୮ରୁ ୯ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ଏହି ଗଣନାରେ ବନ୍ୟପ୍ରାଣୀ ବିଭାଗ, ସ୍ୱେଚ୍ଛାସେବୀ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଓୟୁଏଟିର ଛାତ୍ରଛାତ୍ରୀ, ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଏବଂ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ବାଇନୋକୁଲାର, ଜିପିଏସ୍ ଟ୍ରାକିଂ, ଟ୍ରାଞ୍ଜାକ୍ଟ ଲାଇନ୍ ମେଥଡ ମାଧ୍ୟମରେ ଡଲ୍‌ଫିନ ଗଣନା କରାଯାଉଛି। ପ୍ରଥମ ଦିନ ସକାଳ ୬ଟାରୁ ଗଣନା ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ଯାଏ ଚାଲିଥିବା ବେଳେ ସେହି ସମୟରେ ଚିଲିକାରେ ଭସାପୋଲ ଏବଂ ପର୍ଯ୍ୟଟକ ଡଙ୍ଗା ଚଳାଚଳ ବନ୍ଦ ରଖାଯାଇଥିଲା। ତେବେ ଗତବର୍ଷ ତୁଳନାରେ ଏ ବର୍ଷ ଚିଲିକାର କେଉଁ କେଉଁ ସ୍ଥାନରେ କେତେ ସଂଖ୍ୟକ ଡଲ୍‌ଫିନ ରହିଛନ୍ତି ତାହା ଗଣନା କାର୍ଯ୍ୟ ସମାପ୍ତ ପରେ ଜଣାପଡିବ। ଗଣନାକାରୀ ଚୂଡ଼ାନ୍ତ ରିପୋର୍ଟ ବାଲୁଗାଁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ହସ୍ତାନ୍ତର କରିବେ। ପରେ ଚିଲିକାରେ କେତେ ଡଲ୍‌ଫିନ ରହିଛନ୍ତି ତାହା ପିସିସିଏଫ୍ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯିବ ବୋଲି ଚିଲିକା ୱାଇଲ୍ଡ ଲାଇଫ୍ ଏସିଏଫ୍ ପ୍ରମୋଦ କୁମାର ସେଠୀ ସୂଚନା ଦେଇଛନ୍ତି।

### ଜିଲ୍ଲାପାଳଙ୍କୁ ଦାବିପତ୍ର

### ଦୟା ନଦୀକୁ ଛଡ଼ା ନ ଯାଉ ଗଙ୍ଗୁଆ ପାଣି

# ଝାଡ଼ାବାନ୍ତି ମୃତକଙ୍କ ପରିବାରଙ୍କୁ ମିଳୁ ୨୦ ଲକ୍ଷ

ପୁରୀ,୨୦ା୧(ସମିସ)

ପ୍ରଦୂଷିତ ଦୟା ନଦୀ ପାଣି ଏବେ ଜୀବନ ନେଇଚାଲିଛି। ଦୟାର ପ୍ରଦୂଷିତ ପାଣି ବ୍ୟବହାର ଯୋଗୁ କଣାସ ଅଞ୍ଚଳରେ ବ୍ୟାପିଛି ଝାଡାବାନ୍ତି। ଏବେ ଝାଡାବାନ୍ତି ସ୍ଥିତି ଅଣାୟତ୍ତ ହୋଇପଡିଛି। ଏଥିରେ ୪ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଆକ୍ରାନ୍ତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏଭଳି ସ୍ଥିତିରେ ଦୟାନଦୀ ସୁରକ୍ଷା ଅଭିଯାନ, ମହାନଦୀ ବଞ୍ଚାଅ ଆନ୍ଦୋଳନ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।



ଦାବିପତ୍ରରେ ଦର୍ଶାଯାଇଛି ଯେ ଭୁବନେଶ୍ୱର ମହାନଗର ନିଗମର ଦୂଷିତ ଜଳ ଗଙ୍ଗୁଆ ନାଳ ଦେଇ କଣ୍ଟିଠାରେ ଦୟାନଦୀରେ ମିଳୁଛି। ଏହି ପ୍ରଦୂଷିତ ବିଷାକ୍ତ ଜଳ ବ୍ୟବହାର କରି କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତ ଅନ୍ତର୍ଗତ ନଈକୂଳପାଟଣା ଓ ନୂଆଗାଁର ୪ ଜଣଙ୍କର ମୃତ୍ୟୁ ଘଟିଲାଣି ଓ ଅନେକ ଆକ୍ରାନ୍ତ ହୋଇଛନ୍ତି। ନୂଆଦୋକନ୍ଦା ଗ୍ରାମର ସ୍ଥିତି ବିଗଡ଼ିବାରେ ଲାଗିଛି। ଏଥିପାଇଁ ସରକାର ଓ ପ୍ରଶାସନ ଦାୟୀ। କାରଣ ଏହି ଘଟଣା ଆକସ୍ମିକ ନୁହେଁ। ଦୀର୍ଘଦିନ ହେବେ ଅଞ୍ଚଳବାସୀ ଏ ସଂକ୍ରାନ୍ତରେ ସରକାର ଓ ପ୍ରଶାସନକୁ ଜଣାଇ ଆସୁଛନ୍ତି। ହେଲେ ସରକାରଙ୍କ ଚରମ ଉଦାସୀନତା ଯୋଗୁଁ ଏଭଳି ଘଟଣା ଘଟିଲା। ବର୍ଷାଦିନେ ବନ୍ୟା ଯୋଗୁ ନଦୀରେ ସ୍ରୋତ ଥିବାରୁ ଦୂଷିତ ଜଳ ଚିଲିକା ଦେଇ ସମୁଦ୍ରକୁ ଚାଲିଯାଏ। ବିଭିନ୍ନ କାରଣରୁ ନଦୀଜଳ କମି ଯାଉଛି ଏବଂ ନଦୀ ଶୁଖିଯାଉଛି। ପ୍ରଦୂଷିତ ଜଳର ପରିମାଣ ବଢିଚାଲିଛି। ନଦୀକୂଳରେ ବସବାସ କରୁଥିବା ହଜାର ହଜାର ଲୋକ ଦୈନନ୍ଦିନ ବ୍ୟବହାର, ଚାଷ ଓ ପଶୁପକ୍ଷୀଙ୍କ ପାଇଁ ଏହି ପ୍ରଦୂଷିତ ଜଳ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଏ ବିଷୟରେ ତଳଠୁ ଉପର ସମସ୍ତଙ୍କୁ ଅବଗତ କରାଯାଇଛି। ବିଷାକ୍ତ ଜଳକୁ ବିଶୋଧନ କରାଯାଉ। ଦୟାନଦୀକୁ ଚିଲିକା ପର୍ଯ୍ୟନ୍ତ ଖୋଳାଯାଉ। ନଦୀ ଭିତରେ ଥିବା ଗଛ ଓ ଆବର୍ଜନା ସଫା ହେଉ। ନଦୀର ଦୁଇ ପାର୍ଶ୍ୱରେ ଗାଡୱାଲ ନିର୍ମାଣ କରାଯାଉ। ଏଥିପାଇଁ ଏକ ମାଷ୍ଟରପ୍ଲାନ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଉ। ଏହା ନ କରିବା ଫଳରେ ଆଜି ଯେଉଁ ଜୀବନ ଚାଲିଗଲା, ସେଥିପାଇଁ ସରକାର ହିଁ ଦାୟୀ। ତେଣୁ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରାଯାଉ। ଏଥିସହିତ ଦୟା ନଦୀକୁ ଯେପରି ଗଙ୍ଗୁଆ ପାଣି ନ ଆସିବ ତା'ର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

ଦାବିପତ୍ର ଦେଇଥିବା ପ୍ରତିନିଧି କହିଛନ୍ତି, ଦୟାନଦୀ ତୁଠରେ ବାଉଁଶ ବାଡ଼ କରି ନାଲି ପତାକା ପୋତିଦେଲେ ସମସ୍ୟାର ସମାଧାନ ହେବନାହିଁ। ଲୋକଙ୍କ ଦୈନନ୍ଦିନ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ବିଶୁଦ୍ଧଜଳ ଯୋଗାଇବା ଆବଶ୍ୟକ। ଡାକ୍ତରୀ ଦଳ ଔଷଧପତ୍ର ସହିତ ସେହି ଅଞ୍ଚଳରେ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ହେବ। ଜନସଚେତନତା ସୃଷ୍ଟି କରିବା ସହିତ ନଦୀକୁ ସଫା ରଖିବା ଜରୁରୀ। ଦୟା, ମକରା, ରାଜୁଆ ନଦୀରେ ସବୁଦିନ ଜଳ ପ୍ରବାହକୁ ସୁନିଶ୍ଚିତ କରିବାକୁ ହେବ। ଲୋକଙ୍କ ଧନଜୀବନ ସୁରକ୍ଷା ସରକାରଙ୍କ ଦାୟିତ୍ୱ। ଏହି ବିଷାକ୍ତ ଜଳ ଚିଲିକାର ମତ୍ସ୍ୟସମ୍ପଦକୁ ନଷ୍ଟ କରୁଛି ଏବଂ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାକୁ ଉଜାଡ଼ି ଦେଉଛି। ତେଣୁ ଚିଲିକା ମୁହାଣ ଖୋଳିବା ସହ ସମୁଦ୍ର ମୁହାଣ ଖୋଳି ଜଳପ୍ରବାହ ସୁଗମ କରିବା ଲାଗି ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଦୟା ସୁରକ୍ଷା ଅଭିଯାନର ସଚ୍ଚିକାନ୍ତ ପ୍ରଧାନ, ସିପିଆଇ (ଏମ୍‌ଏଲ)ର ଅଶୋକ କୁମାର ପ୍ରଧାନ, ମହାନଦୀ ବଞ୍ଚାଅ ଆନ୍ଦୋଳନର ସୁଦର୍ଶନ ଦାସ, ପ୍ରସନ୍ନ ବିଶୋୟୀଙ୍କ ସମେତ ଯୁଧିଷ୍ଠିର ମହାପାତ୍ର, ସତ୍ୟମନୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### କଣାସରେ ଝାଡ଼ାବାନ୍ତି ବେକାବୁ

## ଦୟାନଦୀ ପାଣି ବ୍ୟବହାର ନ କରିବାକୁ ପରାମର୍ଶ

**ସ୍ଥିତି ସମୀକ୍ଷା କଲେ ସିଡିଏମ୍‌ଓ**

ପୁରୀ,୨୦ା୧(ସମିସ): ପ୍ରଦୂଷିତ ଦୟା ନଦୀ ପାଣି ଏବେ ଜୀବନ ନେଇଚାଲିଛି। ଏହି ଦୂଷିତ ଜଳ ବ୍ୟବହାର କରି କଣାସରେ ବ୍ୟାପିଥିବା ଝାଡ଼ାବାନ୍ତି ଏବେ ବେକାବୁ ହୋଇପଡିଛି। ୪ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଆକ୍ରାନ୍ତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସ୍ଥିତିକୁ ଆୟତ୍ତ କରିବା ଲାଗି ତତ୍ପର ହୋଇପଡିଛି ଜିଲ୍ଲା ପ୍ରଶାସନ। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପଠାଯାଇ ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛି। ହେଲେ ଝାଡାବାନ୍ତି ଥମୁ ନାହିଁ। ଅପରପକ୍ଷେ ବିଶୁଦ୍ଧ ପାନୀୟ ଜଳ ଅଭାବ ଓ ଦୂଷିତ ପାଣି ବ୍ୟବହାର ଯୋଗୁ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା କହିଛନ୍ତି ସିଡିଏମ୍‌ଓ ରୂପଭାନୁ ମିଶ୍ର। ତେବେ ଦୀର୍ଘଦିନ ହେବ ଅଞ୍ଚଳବାସୀ ପାନୀୟ ଜଳ ସମସ୍ୟାକୁ ନେଇ ହନ୍ତସନ୍ତ ହେଉଥିବା ବେଳେ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ରବିବାର ସିଡିଏମ୍‌ଓ ଡାକ୍ତର ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ସ୍ଥିତି ଅନୁଧ୍ୟାନ ପାଇଁ କଣାସ ଯାଇଥିଲେ। ସିଡିଏମ୍‌ଓଙ୍କ ସୂଚନା ଅନୁଯାୟୀ, ଡାଇରିଆ ବ୍ୟାପିବାର ମୁଖ୍ୟ କାରଣ ପାଣି ସମସ୍ୟା। ଲୋକଙ୍କ ପାଇଁ ଅଧିକ ପାନୀୟ ଜଳ ଯୋଗାଣର ଆବଶ୍ୟକ ରହିଛି। ସ୍ଥାନୀୟ ଦୟା ନଦୀର ଜଳ ପ୍ରଦୂଷିତ ହୋଇଥିବା ଜଳ ପରୀକ୍ଷଣରୁ ଜଣାପଡିଛି। ଏଣୁ ଜନସାଧାରଣଙ୍କୁ ଦୟା ନଦୀର ପାଣି ବ୍ୟବହାର କରିବାକୁ ମନା କରିଛୁ। ଟ୍ୟାଙ୍କର ଜରିଆରେ ପିଇବା ପାଣି ଯୋଗାଇ ଦିଆଯାଉଥିବା ବେଳେ ନଳକୂପ ପାଣିକୁ ଅନ୍ୟାନ୍ୟ କାମରେ ବ୍ୟବହାର କରିବାକୁ କୁହାଯାଇଛି।

ଘରେ ଘରେ ଯାଇ ଆକ୍ରାନ୍ତଙ୍କ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି ଆଶା ଓ ଅଙ୍ଗନବାଡି କର୍ମୀ। ହାଲୋଜିନ୍ ବଟିକା ପାଣିରେ ପକାଇ ପିଇବାକୁ ଦିଆଯାଉଛି। ସାବୁନ ଦ୍ୱାରା ସବୁବେଳେ ହାତ ଧୋଇବା ପାଇଁ ସଚେତନ କରୁଛୁ। ଗଡିଶାଗୋଦା ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁ ପ୍ରକାର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଅଭିଜ୍ଞ ଡାକ୍ତରଙ୍କୁ ସେଠାକୁ ପଠାଯାଇଛି। ଡାଇରିଆ ନିୟନ୍ତ୍ରଣ ନ ହେବା ଯାଏ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେଠାରେ ସବୁ ଚିକିତ୍ସା ବ୍ୟବସ୍ଥା ଜାରି ରହିବ ବୋଲି ସିଡିଏମ୍‌ଓ କହିଛନ୍ତି।

### ସ୍ମାର୍ଟ ମିଟରକୁ ବିରୋଧ

## ଜିଲ୍ଲା ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ଗଠିତ

ପୁରୀ,୨୦ା୧(ସମିସ)

ଏବେ ସ୍ମାର୍ଟ ମିଟରକୁ ନେଇ ସବୁଆଡେ ବିରୋଧ ଦେଖାଦେଇଛି। ଗୋଟିଏପଟେ ରାଜ୍ୟ ସରକାର ସ୍ମାର୍ଟ ମିଟର ବାଧ୍ୟତାମୂଳକ କହିଥିବା ବେଳେ ରାଜ୍ୟବ୍ୟାପୀ ଏହା ବିରୋଧରେ ସ୍ୱର ଉଠିଲାଣି। ଏଥିରେ ପୁରୀ ବି ବାଦ୍ ପଡ଼ିନାହିଁ। ଏ ନେଇ ସୋମବାର ଭକ୍ତ ସାଲବେଗ ପୀଠରେ ସହରର ବୁଦ୍ଧିଜୀବି, ସାମାଜିକ ଅନୁଷ୍ଠାନ, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏକାଠି ହୋଇଥିଲେ। ଟିପିସିଓଡିଏଲ୍‌ର ସ୍ମାର୍ଟ ମିଟର ସ୍ଥାପନ, ସ୍ୱେଚ୍ଛାଚାରୀ ଆଚରଣ, ଉପଭୋକ୍ତାଙ୍କୁ ସେବା ଦେବାରେ ଅନିୟମିତତା, ଅତିରିକ୍ତ ଅମାନତ ଜମା ପାଇଁ ମୋବାଇଲ୍‌ରେ ବାର୍ତ୍ତା ଦେବା, ବର୍ତ୍ତମାନ ଲାଗିଥିବା ମିଟରଗୁଡ଼ିକ ନିର୍ମାଣକାରୀ ସଂସ୍ଥା ଦ୍ୱାରା ତ୍ରୁଟିପୂର୍ଣ୍ଣ ଘୋଷିତ ବୋଲି ବିନା ପ୍ରମାଣରେ ବାର୍ତ୍ତା ଦେବା ସହ ତାହାକୁ ବଦଳାଇବା ଓ ଜରିମାନା କରିବା ଆଦି ଅନେକ ଅନିୟମିତତା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। କିଛି ଭୁକ୍ତଭୋଗୀ ଏ ସମ୍ପର୍କରେ ନିଜର ତିକ୍ତ ଅନୁଭୂତି ପ୍ରକାଶ କରିଥିଲେ। ବର୍ତ୍ତମାନ ବିଦ୍ୟୁତ୍ ଜନ ଜୀବନରେ ଅତ୍ୟାବଶ୍ୟକ ହୋଇସାରିଥିବାରୁ ଅନେକ ବାଧ ହୋଇ ବିଭାଗୀୟ ଅନ୍ୟାୟ ଆଦେଶ ଓ ଆଚରଣ ଗ୍ରହଣ କରୁଥିବାର ଦୁଃଖଦ ମତ ପ୍ରକାଶ କରିଥିଲେ। ତେଣୁ ପ୍ରାଥମିକ ସ୍ତରରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ମତାମତ ଆଧାରରେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଏଥିସହ ଆବଶ୍ୟକ ପଦକ୍ଷେପ ନିମନ୍ତେ ପୁରୀ ଜିଲ୍ଲା ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ନାମରେ ଏକ କମିଟି ଗଠନ କରାଯାଇଛି। ଇଂ. ରାଜେଶ୍ ମିଶ୍ର, ନାରାୟଣ ଦାଶ, ହରିଶଙ୍କର ମିଶ୍ର, ମଧୁସୂଦନ ମିଶ୍ର, ଅମରେନ୍ଦ୍ର ପାଇକରାୟ, ସୂର୍ଯ୍ୟ ରଥ, ଜଗନ୍ନାଥ ଦେଓ, ବିଷ୍ଣୁଦତ୍ତ ଦାସ, ବିଦ୍ୟୁଲତା ଆଚାର୍ଯ୍ୟ, ଜୁପିଟର ଦାସ, ସୁକାନ୍ତ ପ୍ରଧାନ, ସରସ୍ୱତୀ ପାତ୍ର, ଦୁଃଖିଶ୍ୟାମ ପଟ୍ଟନାୟକ, ପବିତ୍ର ମୋହନ ଦଳାଇ, ରତନ କୁମାର ଦାସ, ବାପିନା ସାମନ୍ତରାୟ, ଜଗନ୍ନାଥ ଷଡଙ୍ଗୀ, ରବୀନ୍ଦ୍ର ନାଥ ପଟ୍ଟନାୟକ, ସନ୍ତୋଷ ସେନାପତିଙ୍କୁ ନେଇ ଏହି କମିଟି ଗଢାଯାଇଛି। ନିକଟ ଭବିଷ୍ୟତରେ କମିଟି ଗୃହୀତ ପ୍ରସ୍ତାବ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। କୌଣସି ଉପଭୋକ୍ତା ବିଭାଗୀୟ ନିର୍ଯାତନାର ଶିକାର ହେଲେ ସଙ୍ଗେ ସଙ୍ଗେ କମିଟି ଦୃଷ୍ଟିକୁ ଆଣିବା ସହ ଏ ସମ୍ପର୍କରେ ସାମାଜିକ ସଚେତନତା ସୃଷ୍ଟି ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଖୁବ୍‌ଶୀଘ୍ର ଉପଭୋକ୍ତାଙ୍କୁ କାର୍ଯ୍ୟାଳୟ ଠିକଣା ଓ ଯୋଗାଯୋଗ ନିମନ୍ତେ ଜଣାଇ ଦିଆଯିବ ବୋଲି ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ବୈଠକରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ସଭାପତିତ୍ୱ କରିଥିଲେ।



## ନାରୀ ସମାଜର ରତ୍ନ ଓ ବିକାଶର ଉତ୍ସ

ପୁରୀ,୨୦ା୧(ସମିସ): ନୀଳାଚଳ ନାରାୟଣ ଉଚ୍ଚ ମାଧ୍ୟମିକ ସଂସ୍କୃତ ମହାବିଦ୍ୟାଳୟରେ ବାଳିକା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ମୀରାରାଣୀ ଖୁଣ୍ଟିଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଥିଲେ ଯେ ବାଳିକାମାନେ ଯୋଗ, ବ୍ୟାୟାମ, ଜୁଡୋ କରାଟେ ଓ ଜାଗା ଆଖଡ଼ାରେ ଶିଖାଯାଉଥିବା ବିଭିନ୍ନ ଶାରୀରିକ ପ୍ରଶିକ୍ଷଣ ମାଧ୍ୟମରେ ସଶକ୍ତ ହୋଇପାରିବେ। ମୁଖ୍ୟବକ୍ତା ଭାବେ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ରେଜିଷ୍ଟ୍ରର ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ବିଜୟ ଲକ୍ଷ୍ମୀଦାଶ ମିଶ୍ର, ସମାଜସେବୀ ପ୍ରତିଭା ଦେବୀ, ନୋଡାଲ ଅଫିସର ବିଶ୍ୱଜିତ ପ୍ରଧାନ ଯୋଗଦେଇ ବାଳିକାମାନେ ଆତ୍ମରକ୍ଷା ନିମିତ୍ତ ମାନସିକ, ଶାରୀରିକ, ସମାଜର ଚାଲି ଚଳଣିରେ ଏପରିକି ପୁରୁଷ ପ୍ରାଧାନ୍ୟ ସମାଜରେ କୌଶଳ ଶିକ୍ଷା କରି କାପୁରୁଷମାନଙ୍କୁ ପ୍ରତିହତ କରିବା ଦରକାର ବୋଲି କହିଥିଲେ। ସଂଯୋଜକ ଅଧ୍ୟାପକ ଡ. ବଳରାମ ଦାଶ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ କନ୍ୟାମାନଙ୍କୁ ରତ୍ନ ଓ ଦେଶ ବିକାଶର ଉତ୍ସ ଓ ସଶକ୍ତ ବୋଲି ପ୍ରତିପାଦନ କରିଥିଲେ। ଏହି ଶିବିର ୮ ଦିନ ଧରି ଚାଲିଥିଲା। ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ପ୍ରତିଭା ରମାବଲ୍ଲଭ ମହାପାତ୍ର ଯୋଗଗୁରୁ ସମ୍ମାନ, ଡ. ସସ୍ମିତା ବନ୍ଧର ନାୟକଙ୍କୁ ସାରସ୍ୱତ ସମ୍ମାନ, ରମାକାନ୍ତ କର, ନବକିଶୋର ପଣ୍ଡା, ଶିକ୍ଷୟିତ୍ରୀ



ଦେବେନ୍ଦ୍ର ଦାଶଙ୍କୁ କାରୁକଳା ଶିଳ୍ପୀ ସେବା ସମ୍ମାନ, ରାଜକିଶୋର ମହାପାତ୍ରଙ୍କୁ ସେବା ସମ୍ମାନ, ନବକୁମାର ପଣ୍ଡାଙ୍କୁ ଶିକ୍ଷା ସମ୍ମାନ, ପୁଷ୍ପିତା ପଟ୍ଟନାୟକ, ଡ. ଶଶୀକାନ୍ତ ରଥଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ବଳରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ପରିବାରର ଜଳିଗଲା ୪ ବଖରା

ପୁରୀ,୨୦ା୧(ସମିସ): ବ୍ରହ୍ମଗିରି ବ୍ଲକ ଅପିଠୀ ଗାଁରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ଟି ପରିବାରର ୪ ବଖରା ଘର ପୋଡି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଧାନ, ଚାଉଳ, ପୋଷାକ, ପିଲାମାନଙ୍କ ବହିପତ୍ର ସମେତ ଅନ୍ୟାନ୍ୟ ଆସବାବପତ୍ର ସବୁ ପୋଡିଯାଇଛି। ଖବର ପାଇ ବ୍ରହ୍ମଗିରିରୁ ଅଗ୍ନିଶମ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଛି। ଅପିଠୀ ଗାଁର ମଙ୍ଗୁଳି ଖଣ୍ଡାୟତରାୟ, ଉମେଶ ଖଣ୍ଡାୟତରାୟ ଓ ରମେଶ ଖଣ୍ଡାୟତରାୟଙ୍କ ଘର ପୋଡି ଯାଇଥିବା ଜଣାପଡିଛି। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ଅଗ୍ନିବିପନ୍ନ ପରିବାରକୁ ସହାୟତା ପାଇଁ ଦାବି କରାଯାଇଛି।

### ପୁରୀ ବନ୍ୟପ୍ରାଣୀ ଡିଭିଜନ

# ଏଥର ଆସିଛନ୍ତି ୧,୪୮,୨୬୮ ପକ୍ଷୀ



ପୁରୀ,୨୦ା୧(ସମିସ)

ପୁରୀ ବନ୍ୟପ୍ରାଣୀ ଡିଭିଜନରେ ପକ୍ଷୀ ଗଣନା ଶେଷ ହୋଇଛି। ଏଥର ମୋଟ ୧ଲକ୍ଷ ୪୮ ହଜାର ୨୬୮ ପକ୍ଷୀ ଆସିଛନ୍ତି। ଗତବର୍ଷର ସଂଖ୍ୟା ଦେଖିଲେ ଚଳିତବର୍ଷ ପକ୍ଷୀଙ୍କ ସଂଖ୍ୟା କମିଛି। ଗତବର୍ଷ ୧ଲକ୍ଷ ୪୮ ହଜାର ୬୦୭ଟି ପକ୍ଷୀ ଆସିଥିବା ବେଳେ ଏ ବର୍ଷ ୩୩୯ ପକ୍ଷୀ କମିଛନ୍ତି। ପୁରୀ ବନ୍ୟପ୍ରାଣୀ ଡିଭିଜନ ୫ଟି ରେଞ୍ଜକୁ ନେଇ ଗଠିତ। ଏହି ରେଞ୍ଜଗୁଡ଼ିକ ହେଉଛି ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ, ଗୋପ ଓ ବ୍ରହ୍ମଗିରି। ଗତ ୧୮ ତାରିଖରେ ୨୫ଟି ଟିମ୍ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ଏରିଆ ଓ ପକ୍ଷୀଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରତି ଟିମ୍‌ରେ ୩ରୁ ୪ଜଣ ଲେଖାଏ ସଦସ୍ୟ ରହିଥିଲେ। ରମ୍ଭଚିରା, ଗଙ୍ଗାଦେବୀ, କୁଶଭଦ୍ରା, ପ୍ରାଚୀ, କେଲୁଣୀ ମୁହାଣ, କାଦୁଆ ନଦୀ ପ୍ରଭୃତି ୨୫ଟି ସ୍ଥାନରେ ଏହି ଗଣନା କରାଯାଇଥିଲା।

ତେବେ ୫ଟି ରେଞ୍ଜରେ ମୋଟ ୧ଲକ୍ଷ ୪୮ ହଜାର ୨୬୮ ପକ୍ଷୀ ଗଣନା କରାଯାଇଛି। ରେଞ୍ଜ ଅନୁଯାୟୀ ଦେଖିଲେ ବ୍ରହ୍ମଗିରିରେ ସର୍ବାଧିକ ୧ଲକ୍ଷ ୫ହଜାର ୯୮୮ ପକ୍ଷୀ ଆସିଥିବା ବେଳେ ଅସ୍ତରଙ୍ଗ ୩୦ ହଜାର ୫୫୫, କୋଣାର୍କ ୫ ହଜାର ୭୨୪, ଗୋପ ୩ହଜାର ୭୫ ଏବଂ ବାଲୁଖଣ୍ଡ ରେଞ୍ଜରେ ୨ ହଜାର ୯୨୬ ପକ୍ଷୀ ଠାବ ହୋଇଛନ୍ତି।

ଗତବର୍ଷ ଅପେକ୍ଷା ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ ରେଞ୍ଜରେ ପକ୍ଷୀଙ୍କ ସଂଖ୍ୟା କମିଥିବା ବେଳେ ଗୋପ ଏବଂ ଅସ୍ତରଙ୍ଗ ରେଞ୍ଜରେ ପକ୍ଷୀଙ୍କ ସଂଖ୍ୟା ବଢ଼ିଛି। ଗତବର୍ଷ ବ୍ରହ୍ମଗିରିକୁ ୧ଲକ୍ଷ ୧୮ ହଜାର ୧୫୧ ପକ୍ଷୀ ଆସିଥିବା ବେଳେ ବାଲୁଖଣ୍ଡକୁ ୩ହଜାର ୩୪୨ ଏବଂ କୋଣାର୍କ ରେଞ୍ଜକୁ ଆସିଥିଲେ ୧୦ ହଜାର ୩୧୯। ସେହିପରି ଗତବର୍ଷ ଗୋପ ରେଞ୍ଜକୁ ୧ ହଜାର ୧୩୭ ଏବଂ ଅସ୍ତରଙ୍ଗ ରେଞ୍ଜକୁ ୧୫ ହଜାର ୬୫୮ ପକ୍ଷୀ ଆସିଥିଲେ।

## ଜିଲ୍ଲା ବିଦ୍ୟାଳୟସ୍ତରୀୟ ବନାଟି ପ୍ରତିଯୋଗିତା

ପୁରୀ,୨୦ା୧(ସମିସ): ସାଧାରଣତନ୍ତ୍ର ଦିବସ ୨୦୨୫ ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ମାର୍ଗଦର୍ଶନରେ ପୁରୀ ଜିଲ୍ଲା ବିଦ୍ୟାଳୟସ୍ତରୀୟ ବନାଟି ପ୍ରତିଯୋଗିତା ସ୍ଥାନୀୟ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବାଳକ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହରଚଣ୍ଡୀ ସାହିର ତୃପ୍ତିକାନ୍ତ ହାଁସଦା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଆକାଶ ବେହେରା ଏବଂ ରୁଦ୍ର ସରକାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବାଳିକା ବିଭାଗରେ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏଲ୍. ବର୍ଷା ବେହେରା ପ୍ରଥମ, ରିୟା ଦେ ଦ୍ୱିତୀୟ, ମିଷ୍ଟି ମାଝି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ବିଚାରକ ଭାବେ ବନାଟି ଆଚାର୍ଯ୍ୟ ବିଷ୍ଣୁଦତ୍ତ ଦାସ, ବନାଟି ଆଚାର୍ଯ୍ୟ ଜଗନ୍ନାଥ ସୁଆର, ପିଣ୍ଟୁ ଜେନା, ସାଇ ସ୍ପନ୍ଦନ ପଣ୍ଡା, ଧର୍ମେନ୍ଦ୍ର ହାଁସଦା କାର୍ଯ୍ୟ ତୁଲାଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଜାନୁୟାରୀ ୨୬ ତାରିଖ ଦିନ ତାଳବଣିଆ ଷ୍ଟାଡିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ପାରେଡ ଉତ୍ସବରେ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିବେ।


**एनटीपीसी NTPC | ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ ଠାରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ବର ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୧ (୧୯୮୦ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧) ଉତ୍ପାଦକ ଷ୍ଟେସନର ଲାଭାର୍ଥୀ :
କ) ନର୍ଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବେଲି ରୋଡ, ପାଟନା-୮୦୦୦୨୧
ଖ) ସାଉଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବେଲି ରୋଡ, ପାଟନା-୮୦୦୦୨୧
ଗ) ଝାଡ଼ଖଣ୍ଡ ଉର୍ଜା ବିକାଶ ନିଗମ ଲିମିଟେଡ, ଇଞ୍ଜିନିୟରିଂ ବିଲ୍ଡିଂ, ଏଚଇସି ଟାଉନସିପ, ଧୁର୍ୱା, ରାଞ୍ଚି - ୮୩୪୦୦୪
ଘ) ଗ୍ରିଡକୋ ଲିମିଟେଡ, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଙ) ପାୱାର ଡିପାର୍ଟମେଣ୍ଟ, ସିକିମ୍ ସରକାର, କାଜି ରୋଡ, ଗାଙ୍ଗଟକ, ସିକିମ୍ - ୭୩୭୧୦୧
ଚ) ଗୁଜୁରାଟ ଉର୍ଜା ବିକାଶ ନିଗମ ଲିମିଟେଡ, ସର୍ଦ୍ଦାର ପଟେଲ ବିଦ୍ୟୁତ ଭବନ, ରେସକୋର୍ସ, ବଡୋଦା-୩୯୦୦୦୭
୨. ଷ୍ଟେସନର ଉତ୍ପାଦନ କ୍ଷମତା : ୧୯୮୦ ମେଗାୱାଟ
୩. ପରିଯୋଜନାର ଅନୁମୋଦିତ ପୁଞ୍ଜି ମୂଲ୍ୟ: ଟ.୧୫୯୮୩.୧୪ କୋଟି
୪. ପ୍ରାଧିକରଣ ଯାହାର ପୁଞ୍ଜି ମୂଲ୍ୟକୁ ଅନୁମୋଦିତ କରିଛି : ସିଇଆରସି
୫. ବାଣିଜ୍ୟିକ ପ୍ରଚାଳନର ନିର୍ଦ୍ଧାରିତ ତିଥି: ପ୍ରଯୁଜ୍ୟ ନୁହେଁ
୬. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ବାସ୍ତବିକ ତିଥି: ୧୧.୦୮.୨୦୨୩ (U#2)
୭. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ତିଥିର ପୁଞ୍ଜି ମୂଲ୍ୟ: ପ୍ରଯୁଜ୍ୟ ନୁହେଁ
୮. ଟାରିଫର ବିବରଣୀ :

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | | |
|---|---|---|---|---|---|---|---|
| | | 2024-25 (01.04.24-30.03.2025) | 2024-25 (31.03.25-31.03.2025) | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 304477.99 | 306981.24 | 427256.18 | 427509.45 | 435229.41 | 438222.94 | 432861.49 |
| ୨. ଉର୍ଜା ପ୍ରଭାର (ଟ./ ପ୍ରତି ୟୁନିଟ) | 3.52 | 3.23 | 3.23 | 3.23 | 3.27 | 3.27 | 3.27 |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ବର ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୧ (୧୯୮୦ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଂ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.) | (ପ୍ରଶାନ୍ତ ଚତୁର୍ବେଦୀ)
ତାରିଖ: ୦୫.୧୨.୨୦୨୪ | ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

ସକାଳ
THE SAKALA



# ପୁଲିସ ଜ୍ଞାତସାରରେ ଚାଲିଥିଲା ଜୁଆଆଡ୍ଡା

ନୟାଗଡ଼,୨୦।୧(ସମିସ)

ନୟାଗଡ଼ ଓ ଗଞ୍ଜାମ ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିଲା ଜୁଆ ଆଡ୍ଡା। ଏ ସମ୍ପର୍କରେ ପୁଲିସ ଜାଣିଥିଲେ ବି ନିରବ ରହିଥିବା ଅଭିଯୋଗ ହୋଇଛି। ସେଠାରେ ପ୍ରତ୍ୟେକ ଦିନ ଖେଳାଳିଙ୍କ ପାଇଁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ମଧ୍ୟ କରାଯାଉଥିଲା। ଓଡ଼ଗାଁ

## ଉଭୟଙ୍କ ମଧ୍ୟରେ ହୋଇଥିଲା ଡିଲ୍!



ଅଞ୍ଚଳର କିଛି ପ୍ରଭାବଶାଳୀ ଓ ମୁଷ୍ଟିମେୟ ବ୍ୟକ୍ତି ଏହାକୁ ଚଳାଇ ଆସୁଥିଲେ। କିନ୍ତୁ ସବୁ ଜାଣି ଓଡ଼ଗାଁ ପୁଲିସ ନିରବ ରହିଥିଲା। ପୁଲିସ କୁଆଡ଼େ ମାସିକିଆ ଚାନ୍ଦା ପାଇ ନିରବ ହେଉଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ପୁଲିସ ବିଭାଗ ଉପରିସ୍ଥ ଅଧିକାରୀ ଖବର ପାଇବା ପରେ ନୟାଗଡ଼ ଏସ୍ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଜୁଆଆଡ୍ଡା ଉପରେ ଚଢ଼ଉ କରାଇଥିଲେ। ଚଢ଼ଉ ପରେ ପୁଲିସ ଟିମ୍‌କୁ ସଫଳତା ମିଳିଥିବା ବେଳେ ଓଡ଼ଗାଁ ପୁଲିସ ନିରବ ପଛରେ କାରଣ ଖୋଳତାଡ଼ ହେବ ନାଁ ନାହିଁ ବୋଲି ଏବେ ପ୍ରଶ୍ନ ଉଠିଛି। ମାତ୍ର ଏହି ଘଟଣାର ତଦନ୍ତ ଦାୟିତ୍ୱ ଓଡ଼ଗାଁ ଥାନା ଅଧିକାରୀଙ୍କୁ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଓଡ଼ଗାଁ ଅଞ୍ଚଳରେ ଜଣାଶୁଣା ଠିକାଦାର ପୂର୍ଣ୍ଣଚନ୍ଦ୍ର ପାତ୍ର ମଧ୍ୟ ଗିରଫ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାର ୧୫ ଜଣ ଲୋକ ଗିରଫ ହୋଇଛନ୍ତି।

ଆନ୍ତଃରାଜ୍ୟ ଡକାୟତ ଦୁଃଖା ଏହାର ମାଷ୍ଟରମାଇଣ୍ଡ ବୋଲି ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ଗତକାଲି ଚଢ଼ଉ ସମୟରେ ଦୁଃଖା ସମେତ ଅନେକ ବ୍ୟକ୍ତି ସେଠାରୁ ଖସି ଯିବାରେ ସଫଳ ହୋଇଛନ୍ତି। ପୁଲିସ ଯେତିକି ଟଙ୍କା ଜବତ କରିଛି, ତାହା ତୁଳନାରେ ସେଠାରୁ ୧୦ ଗୁଣରୁ ଅଧିକ ଟଙ୍କାକୁ ଧରି କିଛି ବ୍ୟକ୍ତି ଖସି ଯାଇଛନ୍ତି। ଏହି ଜୁଆ ଆଡ୍ଡାରେ ଦୈନିକ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଖେଳ ହେଉଥିବା ବେଳେ ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାର ଅନେକ ପ୍ରଭାବଶାଳୀ ବ୍ୟକ୍ତି ଏଠାକୁ ଖେଳିବା ପାଇଁ ଆସୁଥିଲେ। କିଏ ଜୁଆରେ ନିଜର ସର୍ବସ୍ୱ ହରାଉଥିଲା, ତ ପୁଣି କିଏ ଏଠାରୁ ମାଲେମାଲ ହେଉଥିଲା। ଜୁଆଆଡ୍ଡା ଚଳାଉଥିବା ବ୍ୟକ୍ତି ପ୍ରତ୍ୟେକ ମାସରେ ଥାନା ସମେତ ଅନ୍ୟ କିଛି ବ୍ୟକ୍ତିଙ୍କୁ ମଧ୍ୟ ମାସିକିଆ ଚାନ୍ଦା ଦେଉଥିଲା ବୋଲି ଅଭିଯୋଗ ହୋଇଛି। ଓଡ଼ଗାଁ ଅଞ୍ଚଳରେ ଥାନା ଓ ମାଫିଆଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରି କିଛି ବ୍ୟକ୍ତି ମଧ୍ୟ ମାଲେମାଲ ହେଉଥିଲେ। ଜିଲ୍ଲା ପୁଲିସ ପକ୍ଷରୁ ଅଚାନକ ଚଢ଼ଉ ହେବ ବୋଲି କେହି ସୂଚନା ପାଇନଥିଲେ। ଫଳରେ ଜିଲ୍ଲା ପୁଲିସର ଏହି ଅଭିଯାନ ସଫଳ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜୁଆଆଡ୍ଡା ପଛରେ ରହିଥିବା ଅନେକ ପ୍ରଶ୍ନର ଉତ୍ତର ସାମ୍ନାକୁ ଆସିବ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

### କିଏ ହେବ ବିଜେପି ଜିଲ୍ଲା ସଭାପତି

## ଦୌଡ଼ରେ ସନ୍ତୋଷ, ଅଶୋକ ଓ ପ୍ରତ୍ୟୁଷା

**ନୟାଗଡ଼,୨୦।୧(ସମିସ):** କିଏ ହେବ ନୟାଗଡ଼ ଜିଲ୍ଲା ବିଜେପି ମୁଖିଆ। ଏହାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା। ବିଜେପି ଜିଲ୍ଲା ସଭାପତି ପଦ ପାଇଁ ୩ ଜଣ ନାମାଙ୍କନ ଦାଖଲ କରିଛନ୍ତି। ଆଜି ନୟାଗଡ଼ ଜିଲ୍ଲା ରାଜସୁନାଖଳା ନିକଟସ୍ଥ କୋଟଗଡ଼ ପାର୍କଠାରେ ଏନେଇ ଭାରତୀୟ ଜନତା ପାର୍ଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ତାପସ କୁମାର ମାର୍ଥାଙ୍କ ତତ୍ୱାବଧାନରେ ଆୟୋଜିତ ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ପବିତ୍ର ଦାଶଙ୍କ ଦ୍ୱାରା ନାମାଙ୍କନ କାର୍ଯ୍ୟ ସମାପନ ହୋଇଛି। ଜିଲ୍ଲା ସଭାପତି ପଦ ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦସ୍ୟ ତଥା ଯୁବ ଓ କୃଷକ ନେତା ସନ୍ତୋଷ ପ୍ରଧାନ ନାମାଙ୍କନ ଭରିଛନ୍ତି। ସେହିଭଳି ଭାବେ ଅନ୍ୟତମ ଆଶାୟୀ ଭାବେ ସଂଘ ପରିବାର ସଦସ୍ୟ ଅଶୋକ ମିଶ୍ର ମଧ୍ୟ ଆଶା ରଖିଛନ୍ତି। ରାଜ୍ୟ ବିଜେପିର ଜଣେ ଦୃଢ଼ ସଂଗଠକ ଅଶୋକ ମିଶ୍ର ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ମଗରବନ୍ଧ ପଞ୍ଚାୟତ ବିନାୟକପୁର ଗ୍ରାମର ବାସିନ୍ଦା। ନିର୍ବାଚନ ପୂର୍ବରୁ ସେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପ୍ରଭାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ପୂର୍ବରୁ ଆରଏସ୍‌ଏସ୍‌ର ଜିଲ୍ଲା ପ୍ରଚାରକ ଭାବେ କାର୍ଯ୍ୟ ତୁଲାଇଛନ୍ତି। ଦଳର ଜଣେ ସକ୍ରୀୟ ସଦସ୍ୟ ଭାବେ ସେ କାର୍ଯ୍ୟ କରି ଆସିଥିବା ଦେଖାଯାଇଛି। ସମାନ ଭାବେ କନ୍ଧମାଳର ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମଧ୍ୟ ଜିଲ୍ଲା ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ସେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିଲେ। ତିନି ଜଣ ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିବା ପରେ ଜିଲ୍ଲାରେ ରାଜନୈତିକ ମାହୋଲ ସରଗରମ ହୋଇଛି। ରାଜ୍ୟ ନିର୍ବାଚନ କମିଟି କାହାକୁ ଚୟନ କରିବେ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମଙ୍ଗଳବାର ଜିଲ୍ଲା ସଭାପତିଙ୍କ ନାମ ଘୋଷଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

### କୋଏନା ଢାବା-ଲେଙ୍କୁଡ଼ିପଡ଼ା ରାସ୍ତା ମରଣଯନ୍ତା

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



**ନୟାଗଡ଼,୨୦।୧(ସମିସ):** ନୟାଗଡ଼ ସହରରୁ ଓଡ଼ଗାଁକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ କୋଏନା ଢାବାଠାରୁ ଲେଙ୍କୁଡ଼ିପଡ଼ା ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷେ ହେବ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନରୁ ଏହି ରାସ୍ତା ସମସ୍ୟା ନେଇ ସ୍ଥାନୀୟ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ବେଳେ ପୂର୍ତ୍ତ ବିଭାଗ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଯାହାକୁ ନେଇ ଆଜି ଉତ୍ତ୍ୟକ୍ତ ଲୋକେ ରାଜ୍ୟ ରାଜପଥକୁ ଅବରୋଧ କରିଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଦୀର୍ଘଦିନ ତଳୁ ଶେଷ ହୋଇଥିଲେ ମଧ୍ୟ କାମ ଆରମ୍ଭ ହେଉନାହିଁ। ଫଳରେ ଆଜି ଲୋକେ ରାସ୍ତା ଅବରୋଧ ପରେ ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଓ ପୂର୍ତ୍ତ ବିଭାଗ କର୍ମଚାରୀମାନେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଆସନ୍ତାକାଲିଠାରୁ ରାସ୍ତା କାମ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିବା ସୂଚନା ମିଳିଛି।

## ଅଧାରେ ଅଟକିଛି ପିଟିଏସ୍ ଜଗନ୍ନାଥ ମନ୍ଦିର ରାସ୍ତା

ନୟାଗଡ଼,୨୦।୧(ସମିସ): ପୂର୍ତ୍ତ ବିଭାଗର ଅବହେଳା ପାଇଁ ନୟାନ୍ତ ହେଉଛନ୍ତି ନୟାଗଡ଼ବାସୀ। ନୟାଗଡ଼ ସହରର ଭିଆଇପି ରୋଡ୍ କୁହାଯାଉଥିବା ପିଟିଏସ୍‌ଠାରୁ ଜଗନ୍ନାଥମନ୍ଦିର ରାସ୍ତା ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କାର୍ଯ୍ୟ ମହୋତ୍ସବ ପୂର୍ବରୁ ଶେଷ କରିବାକୁ ଜିଲ୍ଲାପାଳ, ବିଧାୟକ ଗୁରୁତ୍ୱ ଦେଇଥିଲେ ମଧ୍ୟ କାମ ଶେଷ ହୋଇପାରିନାହିଁ। ମହୋତ୍ସବ ପୂର୍ବରୁ ଯେନତେନ କାମ ଅଧାଅଧୁରା କରି କରାଯାଇଥିବା ବେଳେ ଏବେ ବି ଅନେକ କାମ ବାକି ରହିଛି। ଅନେକ ସ୍ଥାନରେ ପିଚୁ ପଡ଼ିନଥିବା ବେଳେ ରାସ୍ତା ପାର୍ଶ୍ୱରେ ମାଟି ପକାଇ ସମତୁଲ କାମ ଶେଷ ହୋଇନାହିଁ। ଦୈନନ୍ଦିନ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ପଥର ଗୁଣ୍ଡ ଉଡ଼ି ସମସ୍ୟା ସୃଷ୍ଟି ହେଉଛି। ନବଘନପୁରଠାରୁ ଡିଆଁପଡ଼ା ମୁଥାଗାଡ଼ିଆ ରାସ୍ତା ସହିତ ପିଟିଏସ ଜଗନ୍ନାଥମନ୍ଦିର ରାସ୍ତା ଉନ୍ନତୀକରଣ କରାଯିବାକୁ ୧୯ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ବଜରଙ୍ଗ କନ୍‌ଷ୍ଟ୍ରକସନ୍ ଏହାର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ୧୪ କୋଟି ୩୮ ଲକ୍ଷ ଟଙ୍କାରେ ଠିକାସଂସ୍ଥା ଟେଣ୍ଡର ହାତେଇଛି। ୨୦୨୪ ମସିହା ଅକ୍ଟୋବର ୧୯ ତାରିଖରେ ଏହାର କାର୍ଯ୍ୟ ଶେଷ ହେବାକୁ ଚୁକ୍ତି ହୋଇଥିଲା। ନିର୍ମାଣ ଅବଧି ଶେଷ ହୋଇଥିବା ବେଳେ ଏଯାଏଁ କାମ ଶେଷ ହୋଇନାହିଁ। କେବେ ଏହି କାମ ଶେଷ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### କଟ୍‌ନୀ ଛଟ୍‌ନୀକୁ ଜୋରଦାର ବିରୋଧ

## ପ୍ରଶାସନକୁ ଫେରାଦ ହେଲେ ଜନପ୍ରତିନିଧି



**ଭାପୁର,୨୦।୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ୧୪ ଧାନମଣ୍ଡି ଖୋଲି ଯାଇଥିଲେ ହେଁ କୁଇଣ୍ଟାଲ ଧାନରେ ୧୦ କେଜି କଟ୍‌ନୀ ଛଟ୍‌ନୀ କରିବାକୁ ମିଲରମାନେ ଜିଦ କରୁଥିବା ବେଳେ ଚାଷୀମାନେ ଏଥିରେ ରାଜି ହେଉ ନାହାନ୍ତି। ପନ୍ଦର ଦିନ ହେଲା ମଣ୍ଡି ଖୋଲିଥିଲେ ବି ଧାନ କିଣାବିକା ହୋଇନାହିଁ। ଏହା ବିରୋଧରେ ଚାଷୀମାନେ ଏକ ସଭାକରି ଜନପ୍ରତିନିଧିଙ୍କ ସହ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୋମବାର ଭାପୁର ବ୍ଲକର ଚାଷୀ ନେତା ଶତ୍ରୁଘ୍ନ ରଥ, ବସନ୍ତ କୁମାର ମାଝୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଭାପୁର ହନୁମାନ ମନ୍ଦିର ପରିସରରେ ଏକତ୍ରିତ ହୋଇଥିଲେ। ଏଥିରେ ଚାରିଜଣ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ବିଜୟ କୁମାର ସାମନ୍ତରାୟ, ସୁଶାନ୍ତ କୁମାର ସାହୁ ଓ ଧର୍ମେନ୍ଦ୍ର କୁମାର ଧଳଙ୍କ ସହ ୧୬ ସେବା ସମବାୟ ସଂସ୍ଥାର ସଭାପତିମାନେ କଟ୍‌ନୀ ଛଟ୍‌ନୀ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସଭା କରିଥିଲେ। ପରେ ଭାପୁର ତହସିଲଦାର ଅର୍ଜୁନ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅପରାହ୍ନରେ ସମସ୍ତେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବସ୍ ଦୁର୍ଘଟଣାରେ ଆହତଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଲେ ବେଣୁଧର



**ଖଣ୍ଡପଡ଼ା,୨୦।୧(ସମିସ):** ଟୁରିଷ୍ଟ ବସ୍ ଦୁର୍ଘଟଣାରେ ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଠୁଣି ଗ୍ରାମର ମୃତକ ଓ ଆହତଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ। ଆଜି ପୂର୍ବାହ୍ନରେ ଶ୍ରୀ ପ୍ରଧାନ ଗୁଣ୍ଠୁଣି ଗ୍ରାମକୁ ଯାଇ ଆହତ ଭୀମ ଗୁମାନ ସିଂ, ବ୍ରଜବନ୍ଧୁ ନାୟକ, ମହେଶ୍ୱର ନାୟକ, କାଳନ୍ଦୀ ନାୟକ, ହଜାରୀ ନାୟକ, ହାତୀରାମ ବେହେରା, ବିଭୁ ପ୍ରଧାନ, କେଶବ ନାୟକ, ପ୍ରସନ ପ୍ରଧାନ, ନିରଞ୍ଜନ ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ଅନ୍ତର୍ଯ୍ୟାମୀ ନାୟକ, ଗଦାଧର ନାୟକ, ଦୈତାରୀ ନାୟକ, ଯୁଗଳ ନାୟକ, ମହେନ୍ଦ୍ର ମାଝୀ, ବାଉରୀ ଦାସ, କୈଳାଶ ଦାସ, ଗଣେଶ୍ୱର ଦାସ, ଭୀମସେନ ଦାସ, ଦୈତାରୀ ନାୟକଙ୍କ ଘରକୁ ଯାଇ ସମବେଦନା ଜଣାଇବା ସହ ସମସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବ୍ଲକ ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀ, ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ, କୁମ୍ଭାରପଡା ସରପଞ୍ଚ ଚିନ୍ମୟ ପଣ୍ଡା, ବରିଷ୍ଠ ବିଜେଡି ନେତା ନାରାୟଣ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ମାନସ କୁମାର ନାୟକ, ସଂଗଠକ ବୁଲୁ ଦାସ ପ୍ରମୁଖ ଉପସ୍ଥିତ ରହି ଆହତ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ। ତେବେ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସହଯୋଗର ହାତ ବଢ଼ାଉଥିବା ଶ୍ରୀ ପ୍ରଧାନଙ୍କୁ ସମଗ୍ର ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ସାଧାରଣ ଜନତା ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ପ୍ରକାଶ ଥାଉକି ଗତ ୯ ତାରିଖ ବିଳମ୍ବିତ ରାତିରେ ଏକ ଟୁରିଷ୍ଟ ବସ୍ ଖଣ୍ଡପଡ଼ା ଗୁଣ୍ଠୁଣିରୁ ଲୋକଙ୍କୁ ନେଇ କାଳିଜାଇ ଓ ତାରାତାରିଣୀ ଦର୍ଶନ କରିବା ନିମନ୍ତେ ଯାଉଥିବା ସମୟରେ ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଖଣ୍ଡିସ ପୋଲ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ନଦୀକୁ ଖସି ପଡ଼ିଥିଲା। ଏଥିରେ ଜଣଙ୍କର ମୃତ୍ୟୁ ହେବା ସହ ୪୦ ଜଣ ଆହତ ହୋଇଥିଲେ।

## କବି ପ୍ରଭାତ ମିଶ୍ରଙ୍କ 'ପ୍ରହରୀ' ଉନ୍ମୋଚିତ



**ନୟାଗଡ଼, ୨୦।୧(ସମିସ):** ପଠାଣି ସାମନ୍ତ ପ୍ରେକ୍ଷାଳୟରେ ନୟାଗଡ଼ ସିରିୟସ ଜୋନ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ନାଟକ ମହୋତ୍ସବରେ କବି ପ୍ରଭାତ ମିଶ୍ରଙ୍କ ପ୍ରଥମ କବିତା ସଂକଳନ 'ପ୍ରହରୀ' ଉନ୍ମୋଚିତ ହୋଇଯାଇଛି। ଆଦିତ୍ୟ ଭାରତ ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଉନ୍ମୋଚନ ପର୍ବରେ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଗୋକୁଳ କୁମାର ଷଡ଼ଙ୍ଗୀ, ଗୋପୀନାଥ ସେଠୀ, ଯାମିନୀକାନ୍ତ ମିଶ୍ର, ଡ.ବିଜୟ କୁମାର ଚୌଧୁରୀ, ସୁଦର୍ଶନ ରାଉତ, କଥାକାର ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ନୟାଗଡ଼,୨୦।୧(ସମିସ):** ନୟାଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ଦୁସ୍ଥ ଅସହାୟ, ନିରାଶ୍ରୟ, ଅବହେଳିତ, ବୃଦ୍ଧବୃଦ୍ଧାଙ୍କର ଆଶାବାଡ଼ି ଭାବେ କାର୍ଯ୍ୟ କରିବ ବୋଲି ଉପସ୍ଥିତ ଶତାଧିକ ବରିଷ୍ଠ ନାଗରିକମାନେ ସଙ୍କଳ୍ପ ନେଇଛନ୍ତି। ବାଉଁଶିଆପଡା ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ନବମ ବାର୍ଷିକ ସାଧାରଣ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ସମାଜସେବୀ ପ୍ରମୋଦ ପଟ୍ଟନାୟକ ମଞ୍ଚର ଆଭିମୁଖ୍ୟ ଏବଂ ଲକ୍ଷ୍ୟ ସମ୍ପର୍କିତ ଆଲୋଚନା କରିଥିଲେ। ଶ୍ରୀ ଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ସଭାପତି ରଘୁନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବୈକୁଣ୍ଠ ନାଥ ଦାସ, ନିତ୍ୟାନନ୍ଦ ରାଉତରାୟ, ତ୍ରିନାଥ ନାୟକ ଏବଂ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ବରିଷ୍ଠ ନାଗରିକମାନେ ଦୟାର ପାତ୍ର ନୁହନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ମଞ୍ଚର ସ୍ୱତନ୍ତ୍ର ଅଧିବେଶନ ମାର୍ଚ୍ଚ ମାସରେ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ପରିଶେଷରେ ଆବାହକ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**କଣ୍ଟିଲୋ,୨୦।୧(ସମିସ):** ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ରାମଚଣ୍ଡୀ ସାହିର ଅବସରପ୍ରାପ୍ତ ଜଳଯୋଗାଣ ବିଭାଗ କର୍ମଚାରୀ ସୁରେନ୍ଦ୍ର କୁମାର ମିଶ୍ର(୬୭)ଙ୍କ ପରଲୋକ ଘଟିଛି। ସେ କୋରାପୁଟ ଜିଲ୍ଲା ପିଏଚ୍‌ଡିରେ କାର୍ଯ୍ୟ କରି ଅବସର ପରେ ନିଜ ଗ୍ରାମରେ ରହୁଥିଲେ। ସେ ଜଣେ ଧର୍ମପରାୟଣ, ବନ୍ଧୁବତ୍ସଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ସମ୍ବିତ ମୁଖାଗ୍ନି ଦେଇଥିଲେ।

## ପାଞ୍ଚରାଜ୍ୟ ଥୋରିଆ ସମାଜର ମହାସଭା




**ଭାପୁର,୨୦।୧(ସମିସ):** ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତ ମାଳିବେରେଣି ଗ୍ରାମର ଆଳେଶ୍ୱର ଦେବଙ୍କ ଯାତ୍ରା ପଡ଼ିଆରେ ଶନିବାର ଓ ରବିବାର ଦୁଇ ଦିନ ଧରି ପାଞ୍ଚରାଜ୍ୟ ଥୋରିଆ ସମାଜର ଅଷ୍ଟାଦଶ ମହାସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ପ୍ରଭାତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ରାଜ୍ୟ ସମେତ ବାଙ୍କୀ, ଦଶପଲ୍ଲା, ବଡ଼ମ୍ବା ଓ ନରସିଂହପୁର ରାଜ୍ୟର କର୍ମକର୍ତ୍ତାମାନେ ଯୋଗଦେଇ ଆଗମୀ ଦିନରେ ସମାଜକୁ ସଂଗଠିତ କରି ଆଗେଇ ନେବାପାଇଁ ମତପ୍ରକାଶ କରିଥିଲେ। ଥୋରିଆ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପ୍ରଥମ ଦିନରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନର ଉଦ୍‌ଯାପନୀ ଦିବସରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଦୀପ କୁମାର ପୃଷ୍ଟିଙ୍କ ଦ୍ୱାରା ସଂପାଦକୀୟ ବିବରଣୀ ପଠନ କରାଯାଇଥିଲା। ଆୟବ୍ୟୟର ହିସାବ, ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ବୈକୁଣ୍ଠ ନାଥ ଦାସ, ଉପଦେଷ୍ଟା ତ୍ରିଲୋଚନ ସାହୁ, ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କା, ସମୀକ୍ଷକ ଜ୍ଞାନ ରଞ୍ଜନ ସାହୁ, ଜଗନ୍ନାଥ ବରାଡ, ସୋମନାଥ ସାହୁଙ୍କ ସମେତ ପାଞ୍ଚ ରାଜ୍ୟର ଭାଇ ଯୋଗଦେଇ ମହାସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର

**ଭାପୁର,୨୦।୧(ସମିସ):** ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତଠାରେ ପ୍ରତିଷ୍ଠିତ ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷ ରବୀନ୍ଦ୍ର କୁମାର ମଲ୍ଲ ଉଦ୍‌ଘାଟନ କରିଥିଲେ। ଶିବିରରେ ୭୭ ଜଣ ଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ଏହା ସାତ ଦିନ ବ୍ୟାପୀ ଚାଲିଥିଲା। ଅଞ୍ଜଳୀ ମହାରଣା ପ୍ରଶିକ୍ଷିକା ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଶୁଭଲକ୍ଷ୍ମୀ ପ୍ରଧାନ, ତୃପ୍ତିମୟୀ ସାହୁ ଓ କୃଷ୍ଣପ୍ରିୟା ମହାନ୍ତି, ଅଧ୍ୟାପକ ଫକୀର ମୋହନ ସ୍ୱାଇଁ, ବିନୟ କୁମାର ସାହୁ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

### ନାଟକ ମହୋତ୍ସବ ଉଦ୍‌ଯାପିତ

## 'ନୟାଗଡ଼ର ନାଟକ ପରମ୍ପରା ବହୁ ପ୍ରାଚୀନ'



**ନୟାଗଡ଼,୨୦।୧(ସମିସ):** ଦୀର୍ଘ ୪ ଦିନ ଧରି ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହେଉଥିବା ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସିରିୟସ ଜୋନ୍ ଆନୁକୂଲ୍ୟରେ ଅନୁଷ୍ଠିତ ନାଟକ ମହୋତ୍ସବ ଶେଷ ସନ୍ଧ୍ୟାରେ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜଳସେଚନ

### ଶେଷ ସନ୍ଧ୍ୟାରେ 'ଚିତ୍ର ପ୍ରତିମା' ମଞ୍ଚସ୍ଥ

ବିଭାଗ ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ସରୋଜ କୁମାର ପଟ୍ଟନାୟକ, ଫିଲ୍ମ ସେନସର ବୋର୍ଡ ଗୋପାଳକୃଷ୍ଣ ମହାପାତ୍ର, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି କିଷାନ ଦାଶ, ସଦସ୍ୟ ଜାମିନକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ଼ ସାଂସ୍କୃତିକ ଜାଗରଣ ଦୀର୍ଘ ଦିନ ଧରି ଚାଲିଛି। ନୟାଗଡ଼ର ନାଟକ ପରମ୍ପରା ବହୁ ପ୍ରାଚୀନ ବୋଲି ଶ୍ରୀ ମହାପାତ୍ର କହିଥିଲେ। ୧୯୮୦ ମସିହା ପୂର୍ବରୁ ମାଟ୍ରିକ ପାସ୍ କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ନାଟକ କରିବାକୁ ମନ ବଳାନ୍ତି ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ। ଯୁଗ ପରିବର୍ତ୍ତନ ସହ ଅନେକ କିଛି ପରିବର୍ତ୍ତନ ହୋଇଛି। ସଂସ୍କୃତି ଓ ପରମ୍ପରାକୁ ନୟାଗଡ଼ ସମ୍ମାନ ଦିଏ ବୋଲି ସେ କହିଥିଲେ। ଶେଷ ସନ୍ଧ୍ୟାରେ ନାଟ୍ୟକାର ଗୌରହରୀ ଦାଶଙ୍କ ନାଟକ 'ଚିତ୍ର ପ୍ରତିମା' ମଞ୍ଚସ୍ଥ ହୋଇଥିଲା। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକକୁ ଦର୍ଶକ ବେଶ ଉପଭୋଗ କରିଥିଲେ। କବି ଗୋପୀନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଖଣ୍ଡପଡ଼ା-ବନମାଳିପୁର ପ୍ରଧାନମନ୍ତ୍ରୀ ସଡ଼କ

## ମରାମତି କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଖଣ୍ଡପଡ଼ା,୨୦।୧(ସମିସ)



ଖଣ୍ଡପଡ଼ା-ଭାପୁର ପୂର୍ତ୍ତବିଭାଗ ରାସ୍ତାର କାଚରାସାହି ଛକରୁ ବନମାଳିପୁର ଗ୍ରାମ ଓ ନୂତନ କୁସୁମୀ ସେତୁ ଦେଇ ଖଣ୍ଡପଡ଼ାକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଥିବାବେଳେ ମରାମତି ପାଇଁ ଅଞ୍ଚଳବାସୀ ପୂର୍ବରୁ ବହୁବାର ପ୍ରଶାସନ ନିକଟରେ ଦାବି କରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗର ନିଦ ଭାଙ୍ଗିବା ସହିତ କିଛିଦିନ ହେବ କାଚରାସାହି ଛକ ପଟୁ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ମାତ୍ର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମନମାନୀ ଯୋଗୁ କାମ ନିମ୍ନମାନର ହେଉଥିବା ସ୍ଥାନୀୟ ଜନପ୍ରତିନିଧି ଓ ସାଧାରଣ ଜନତା ଅଭିଯୋଗ ଆଣିଛନ୍ତି। ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରୁ ବଜୁରି ଓ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଅଣଓସାରିଆ ରାସ୍ତା ଦେଇ ଦୈନିକ ଶତାଧିକ ଯାନବାହନ ଚଳାଚଳ କରୁଛି। କୁସୁମୀ ନଦୀ ଉପରେ ନୂତନ ସେତୁ ନିର୍ମାଣ ହେବା ପରେ ଉକ୍ତ ରାସ୍ତା ଦେଇ ଖଣ୍ଡପଡ଼ା ସହର ଓ ଖଳିସାହି ଦେଇ ଦଶପଲ୍ଲା ଓ କଣ୍ଟିଲୋ ଅଞ୍ଚଳକୁ ସଡ଼କ ପଥରେ ଗମନାଗମନର ସୁଯୋଗ ସୃଷ୍ଟି ହୋଇଛି। ଦୂରତ୍ୱ କମ ଦୃଷ୍ଟିରୁ ଯାନବାହନଗୁଡ଼ିକ ବନମାଳିପୁର ଓ ପଥୁରିଆ ଗ୍ରାମ ଦେଇ କୁସୁମୀ ସେତୁ ଉପରେ ଯାତାୟାତ କରୁଥିବା ବେଳେ ଅଣଓସାରିଆ ରାସ୍ତା ଯୋଗୁ ଭାରିଯାନଗୁଡ଼ିକ ଏହି ରାସ୍ତା ଦେଇ ଯିବା ଆସିବା ନିମନ୍ତେ ଉଚିତ ମଣୁନଥିବା ଜଣାପଡ଼ିଛି। ବନମାଳିପୁର ସେତୁକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ସହ ପ୍ରଶସ୍ତୀକରଣ ନିମନ୍ତେ ପ୍ରଶାସନ ଗ୍ରାମ୍ୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଧର୍ମକୁ ଆଖିଠାର ସଦୃଶ ସାଧାରଣରେ ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା-ବନମାଳିପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨୬ ଅଗଷ୍ଟ ୨୦୧୯ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇ ୨୫ ମେ, ୨୦୨୦ ମସିହାରେ ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ରାସ୍ତା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ଥିବାବେଳେ ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ୨୦୧୯ ରୁ ୨୦୨୪/୨୫ ପାଇଁ ମଧ୍ୟ ଲକ୍ଷାଧିକ ଟଙ୍କା ରଖାଯାଇଥିବା ସୂଚନା ରହିଛି। ମାତ୍ର ସେସବୁ ଅର୍ଥକୁ ସଠିକ ଭାବରେ ବିନିଯୋଗ ହେଉନଥିବା ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଉକ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଜିଲ୍ଲା ପ୍ରଶାସନ ନିକଟରେ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

# ପଥଚାରୀଙ୍କୁ ମାଡ଼ମାରି ଲୁଟ୍ ଘଟଣାରେ ଜଣେ ଗିରଫ

**ଜଟଣୀ,୨୦।୧(ସମିସ):** ଜଟଣୀ ଥାନା ବାଲିଛକ ମୁଣ୍ଡିଆ ସାହିର ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଆକ୍ରମଣ କରି ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେବା ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା, ମୁଣ୍ଡିଆସାହିର ଜଗା ଓରଫ୍ ଜଗୁ(୨୦)। ଗିରଫ ପରେ ତାକୁ କୋର୍ଟ ଚାଲାଣ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଝୁମୁରି ବେହେରା ପରିବାର ସହ ବାଲିଛକ ମୁଣ୍ଡିଆ ସାହିରେ ରୁହନ୍ତି। ଗତକାଲି ମଧ୍ୟାହ୍ନରେ ସେ ନିଜ ସ୍ୱାମୀଙ୍କ ସହ ଡ୍ୟୁଟି ସାରି ଘରକୁ ଫେରିବା ବେଳେ ଚୈତନ୍ୟ ମଣ୍ଡପ ନିକଟରେ ଅଭିଯୁକ୍ତ ଜଗା ଉଭୟଙ୍କୁ ରାସ୍ତାରେ ଅଟକାଇବା ସହ ତାଙ୍କ ସ୍ୱାମୀଙ୍କୁ ୫୦୦ ଟଙ୍କା ମାଗିଥିଲେ। ତାଙ୍କୁ ଟଙ୍କା ଦେବା ଲାଗି ସ୍ୱାମୀ ମନା କରିବାରୁ ଅଭିଯୁକ୍ତ ଜଗା ସ୍ୱାମୀଙ୍କ ପକେଟରେ ହାତ ପୂରାଇ ଜୋରଜବରଦସ୍ତ ଦୁଇ ଶହ ଟଙ୍କା କାଢ଼ି ନେଇଯାଇଥିଲେ। ତାଙ୍କ ସ୍ୱାମୀ ଅଭିଯୁକ୍ତକୁ ବିରୋଧ କରିବାରୁ ଜଗା ଉତ୍କ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଫଳରେ ତାଙ୍କ ସ୍ୱାମୀଙ୍କ ମୁଣ୍ଡ ଫାଟିଯାଇ ରକ୍ତସ୍ରାବ ହୋଇଥିଲା। ଅଭିଯୋଗକାରିଣୀ ଜଗାକୁ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଧକ୍କା ପକାଇବା ସହ ଗାଳିଗୁଲଜ କରିଥିଲା। ଉଭୟଙ୍କୁ ଜୀବନରୁ ମାରିଦେବାର ଧମକଦେଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଆଜି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ଥମୁନି ହାତୀ-ମଣିଷ ଲଢ଼େଇ

# ୧୦ଟି ଗାଁରେ ଆତଙ୍କ; ସଞ୍ଜ ନଇଁଲେ ପଡୁଛି ଘାଟି କବାଟ

**ଖୋର୍ଦ୍ଧା,୨୦।୧(ସମିସ)**

କିଛି ମାସ ବ୍ୟବଧାନ ପରେ ଖୋର୍ଦ୍ଧାରେ ପୁଣି ଦେଖିବାକୁ ମିଳିଛି ହାତୀ-ମଣିଷ ଲଢ଼େଇ। ଗତ ୧୭ ତାରିଖରେ ଖୋର୍ଦ୍ଧା ରେଞ୍ଜ ଅନ୍ତର୍ଗତ ବେଗୁନିଆ ଥାନା କଣିବାରୀ ନିକଟ ଜଙ୍ଗଲରେ ସକାଳୁ ସ୍ଥାନୀୟ ଲୋକେ ହାତୀର ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ପହଞ୍ଚି ହାତୀର ମୃତଦେହ ଜବତ କରି ତଦନ୍ତ ଚଳାଇଥିଲା। କିଛି ଦିନ ତଳେ ଏକ ହାତୀପଲ ସେହି ଅଞ୍ଚଳରେ ଉତ୍ପାତ କରୁଥିଲେ। ବନ ବିଭାଗର ଅବହେଳା ଯୋଗୁଁ ହାତୀ ମୃତ୍ୟୁ ଘଟିଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ। ବନ ବିଭାଗ ଟିମ୍‌ର ପାଟ୍ରୋଲିଂ ଅଭାବ କାରଣରୁ ହାତୀଙ୍କ ଦ୍ୱାରା ଫସଲ ହାନି ଘଟୁଛି। ଅନ୍ୟପକ୍ଷରେ ହାତୀ ମଧ୍ୟ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ଘଟଣାର ୩୬ ଘଣ୍ଟା ପରେ ଆଜି ଭୋର ସମୟରେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ମହତପଲ୍ଲାରେ ହାତୀ ଆକ୍ରମଣରେ ପୁଅ ମୃତ, ମାଆ ଗୁରୁତର ହୋଇ ଜୀବନ ମରଣ ସହ ଡାକ୍ତରଖାନାରେ ସଂଘର୍ଷ କରୁଛନ୍ତି।

ଆଜି ସକାଳେ ଶୌଚ ହେବାକୁ ଯାଇଥିବା ବେଳେ ଉଭୟ ମାଆ ପୁଅଙ୍କୁ ହାତୀ ଆକ୍ରମଣ କରିଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ପୁଅ ସତ୍ୟ ରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଗତ କିଛି ଦିନ ହେଲା ମହତପଲ୍ଲା ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି।

- ବନାଞ୍ଚଳରେ ରହିଛନ୍ତି ୩-୫ଟିକିଆ ହାତୀପଲ
- ବନ ବିଭାଗର ଅପାରଗତା ଯୋଗୁଁ ବଢୁଛି ମୃତାହତ ସଂଖ୍ୟା
- କର୍ମଚାରୀ ଅଭାବ ଆଳରେ ଖସିବାକୁ ରେଞ୍ଜରଙ୍କ ଉଦ୍ୟମ

ରାତି ପ୍ରାୟ ସାଢ଼େ ୮ ପର୍ଯ୍ୟନ୍ତ ମହତପଲା ଉପର ସାହିରେ ହାତୀ ଉତ୍ପାତ ଜାରି ରଖିଛନ୍ତି। ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କିନ୍ତୁ ଖବର ଦେବା ସତ୍ତ୍ୱେ ବନ ବିଭାଗ ଟିମ୍ ପହଞ୍ଚିବାରେ ବିଳମ୍ବ ଘଟଣାକୁ ନେଇ ଅସନ୍ତୋଷ ବଢୁଛି। ସେହିପରି ନନ୍ଦପୁର, ଦୁର୍ଗାପୁର, ତାପଙ୍ଗ ପଞ୍ଚାୟତର ଝିଙ୍କିଝାରୀ, ଧଉଳିମୁହଁ ପଞ୍ଚାୟତ, ଅଁଳାଯୋଡି ପଞ୍ଚାୟତ, ଗଡସାନପୁଟ ପଞ୍ଚାୟତ ପ୍ରମୁଖ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁ ବିଦ୍ୟୁତ କଟାଯାଇଥିବା ଜଣାଯାଇଛି। ଆଖପାଖ ୬ଟି ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗାଁ ଲୋକେ ଏବେ ଆତଙ୍କିତ ଅବସ୍ଥାରେ





ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୧ଟିକିଆ ହାତୀପଲ ଏବଂ ୧୪ଟିକିଆ ଅନ୍ୟ ହାତୀପଲ ଖୋର୍ଦ୍ଧା ଆଖପାଖରେ ଗତ ଦୁଇମାସ ହେଲା ଉତ୍ପାତ କରୁଛନ୍ତି। ଧାନ ଅମଳ ହେବା ସମୟ ପରଠାରୁ ହାତୀପଲ ବିଭିନ୍ନ ସ୍ଥାନରେ ଧାନ ବିଲରେ ପଶି ବ୍ୟାପକ ଫସଲ ନଷ୍ଟ କରି ଚାଲିଛନ୍ତି। ଏପରିକି ମହତପଲ୍ଲା, ତୋଟାପଡା, ଜରିପୁଟ, ବେଗୁନିଆ, ବାଜପୁର, ଗୁଡୁମ, ଡାଲତୋଲା, ଟାଙ୍ଗୀ, ଅଁଳାଯୋଡ଼ି ଆଦି ବିଭିନ୍ନ ସ୍ଥାନରେ ହାତୀପଲ ବିସ୍ତାର କରି ରହିଛନ୍ତି। ସମୟେ ସମୟେ ବିଳମ୍ବିତ ରାତ୍ରି କିମ୍ବା ପାହାନ୍ତ ପହର ସମୟରେ ହାତୀ ଉପଦ୍ରବ ଯୋଗୁଁ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଲୋକମାନେ ରାତିରେ ବାହାରକୁ ଯିବା ଆସିବା କରିବାକୁ ନିରାପଦ ମଣୁନାହାନ୍ତି।

ସୋମବାର ଭୋର୍ ସମୟରେ ମହତପଲା ଅଞ୍ଚଳରେ ଘଟିଥିବା ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ହାତୀ ଆକ୍ରମଣରେ ଗୁରୁତର ମାଆ-ପୁଅଙ୍କୁ ମେଡିକାଲ ଆଣି ଚିକିତ୍ସାର ବ୍ୟବସ୍ଥା କରିବା ସହ ଏହି ଘଟଣା ପାଇଁ ବନ ବିଭାଗକୁ ଦାୟୀ କରିଛନ୍ତି। ବନ ବିଭାଗ ଲୋକଙ୍କୁ ସଜାଗ କରିଥିଲେ ଏଭଳି ଘଟଣା ଘଟି ନଥାନ୍ତା ବୋଲି ସେ କହିଛନ୍ତି। ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କ ସୂଚନା ଅନୁସାରେ ଦୁଇଟି ହାତୀପଲ ୩-୫ଟି ହାତୀ ବିଭିନ୍ନ ଅଞ୍ଚଳରେ ଯିବା ଆସିବା କରୁଛନ୍ତି। କ୍ୟାମେରା ସାହାଯ୍ୟରେ ହାତୀପଲଙ୍କ ଉପରେ ନଜର ରଖାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ସମସ୍ତ ଅଞ୍ଚଳରେ ପାଟ୍ରୋଲିଂ କରିବା ସମ୍ଭବ ନୁହେଁ। ହାତୀ ଆକ୍ରମଣରେ ମୃତ୍ୟୁବରଣ କଲେ ୬ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ହାତୀ ଆକ୍ରମଣରେ ଚାଷୀମାନଙ୍କ ଘଟିଥିବା କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ପ୍ରଶାସନିକସ୍ତରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅସନ୍ତୁଷ୍ଟ ତେଜୁଛି। ଆଗାମୀ ଦିନରେ ହାତୀପଲଙ୍କ ଗତିବିଧି ଉପରେ ନଜର ରଖି ଲୋକଙ୍କୁ ସଚେତନ ନ କଲେ ହାତୀ ମଣିଷ ଲଢ଼େଇର ପୁନରାବୃତ୍ତିକୁ ଏଡାଇ ଦିଆଯାଇ ନପାରେ। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଶିବିର



**ଟାଙ୍ଗୀ,୨୦।୧(ସମିସ):** ଚାନ୍ଦପୁର ମୋହନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର ଆର୍ଥିକ ସହାୟତାରେ ସୋମବାର ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷା ଝରଣା ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଅଧ୍ୟୟନରତ ଛାତ୍ରୀଙ୍କ ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା ଭାବେ ଜ୍ୟୋତିର୍ମୟୀ ଜେନା ଓ ସୋନାଲୀ ସାଥୁଆ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଏହି ଶିବିର ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି କାର୍ଯ୍ୟକ୍ରମର ଅଧିକାରୀ ଅଧ୍ୟାପିକା ରଶ୍ମିତା ନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଶିବପ୍ରିୟା ଦେବୀ, ପ୍ରଭାତୀ ସାମନ୍ତରାୟ, ନମିତା ସାହୁ, ସ୍ୱସ୍ତି ମିଶ୍ର, ଅଧ୍ୟାପକ ଜିତେନ୍ଦ୍ର କୁମାର ସିଂହ ପ୍ରମୁଖ ଯୋଗଦେଇ ବାଳିକା ଆତ୍ମରକ୍ଷା କୌଶଳ ତାଲିମର ଆବଶ୍ୟକତା ଏବଂ ଉପାଦେୟତାର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ଅଧ୍ୟାପକ ସିଦ୍ଧାର୍ଥ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରଜମୋହନପୁର ପଞ୍ଚାୟତରେ ଜନଶୁଣାଣି



**ନିରାକାରପୁର,୨୦।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ବ୍ରଜମୋହନପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୧୨୮ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୧୨ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୧୩ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଭିନ୍ନକ୍ଷମ ହିତାଧିକାରୀଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସିଡିଏମ୍‌ଓ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୂରସଂଚାର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ

**ନିରାକାରପୁର,୨୦।୧(ସମିସ):** ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର, ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭାରତୀୟ ଟେଲିକମ ପ୍ରାଧିକରଣଙ୍କ ସହାୟତାରେ 'ବିକାଶ' ଅନୁଷ୍ଠାନ ବ୍ରହ୍ମପୁର, ଗଞ୍ଜାମ ଦ୍ୱାରା ଆଧୁନିକ ଟେଲିଫୋନ ଗ୍ରାହକଙ୍କ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ତଥା ଜୀବନ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ବିଭୂତି ଭୂଷଣ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୋବାଇଲ ମାଧ୍ୟମରେ କିପରି ସାଇବର ଅପରାଧ ହେଉଛି ସେ ବିଷୟରେ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥ ଟେଲିକମ ମୋବାଇଲର ଅପକାରିତା ଓ ଉପକାରିତା ଉପରେ ଆଲୋକପାତ କରିଥିଲେ। 'ବିକାଶ'ର ସମ୍ପାଦକ ଗୋକୁଳ ଚନ୍ଦ୍ର ଦାଶ ଗ୍ରାହକଙ୍କ ଅଧିକାର, ଠକେଇର ଶିକାର ଓ ସାଇବର ଅପରାଧରୁ ସୁରକ୍ଷା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ରୂପେ ସ୍ଥାନୀୟ ଜିଓ ପ୍ରତିନିଧି ବଳଭଦ୍ର ପ୍ରଧାନ, ବିଏସଏନଏଲର ପ୍ୟାରୀମୋହନ ସ୍ୱାଇଁ, ଏୟାରଟେଲର ହିମାଂଶୁ ପ୍ରଧାନ ପ୍ରମୁଖ ଯୋଗଦେଇ ଟେଲିକମ ସେବାର ଉପାଦେୟତା ଏବଂ ସାଇବର କ୍ରାଇମ୍ ନିରାପତ୍ତା ସମ୍ପର୍କିତ ବକ୍ତବ୍ୟ ରଖିଥିଲେ। ବିଦ୍ୟାମନ୍ଦିରର ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର, ବିନୋଦ ବିହାରୀ ସେଠୀ, ପବିତ୍ର ରାଉତରାୟ, ଜିତେନ୍ଦ୍ର କୁମାର ପୃଷ୍ଟି, ଲଲାଟ ସାହୁ, ରୁବିନା ଭୋଳ, ବୈଶାଖୀ ପ୍ରଧାନ, ଶୁଭଶ୍ରୀ ଜେନା, ପ୍ରିୟଦର୍ଶିନୀ ସାହୁଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



# ବରିଷ୍ଠ ନାଗରିକ ମଞ୍ଚ ବୈଠକ ଗୃହର ପ୍ରତିଷ୍ଠା ଉତ୍ସବ

**ଖୋର୍ଦ୍ଧା,୨୦।୧(ସମିସ):** ପୌରାଞ୍ଚଳର ୧୨ନଂ ୱାର୍ଡସ୍ଥିତ ଶ୍ରୀରାମନଗରଠାରେ ନିର୍ମିତ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଆର୍ଥିକ ସହଯୋଗରେ ନିର୍ମିତ ୩୦ ଲକ୍ଷ ମୂଲ୍ୟର ବୈଠକ ଗୃହକୁ ପରିଦର୍ଶନ କରି ପ୍ରଶଂସା କରିଥିଲେ। ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଦିଗରେ ବରିଷ୍ଠ ନାଗରିକମାନେ ସେମାନଙ୍କ ଅଭିଜ୍ଞତାକୁ ଆଧାର କରି ପ୍ରସ୍ତାବ ଓ ପରାମର୍ଶ ଦେବାକୁ ଆହ୍ୱାନ ଦେଇଥିଲେ। ଅବସର ପରେ ସମାଜସେବାରେ ନିଜକୁ ସାମିଲ କରି ଏକ ଉଦାହରଣ ସୃଷ୍ଟି କରିଥିବାରୁ ହାଜି ନସିମୁଦ୍ଦିନ୍ ଖାନ୍‌ଙ୍କ ସହିତ ବାଣପୁର, ନିରାକାରପୁର, ଜଟଣୀ, ପିତୁକୁଳି ଅଞ୍ଚଳରେ କାର୍ଯ୍ୟରତ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ସଭାରେ ଦେବ ପ୍ରସାଦ ମଜୁମଦାର ପୌରୋହିତ୍ୟ କରିଥିଲେ। ଅନୁଷ୍ଠାନର ସନ୍ତୋଷ ଦାସ, ଭୀମସେନ୍ ପ୍ରଧାନ, ବିଧାନ ଚନ୍ଦ୍ର ମହାନ୍ତି, ଅଖିଳ ଚନ୍ଦ୍ର ପ୍ରଧାନ, ବିପ୍ରଚରଣ ବେହୁରା, ପ୍ରତାପ ଚନ୍ଦ୍ର ମହାପାତ୍ର, ବସନ୍ତ ଦାଶ, ସତ୍ୟବ୍ରତ ଦାସ, କୃଷ୍ଣ ହରିଚନ୍ଦନ, ରବୀନ୍ଦ୍ର ସାହୁ, ନବକିଶୋର ମହାପାତ୍ର, କ୍ଷେତ୍ରବାସୀ ସାହୁ, ନବୀନ ସାମନ୍ତସିଂହାର, ସୌଦାମିନୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

ଝରକା ତାଡ଼ି ଘରୁ ଲୁଟ୍ ଘଟଣା

# ୩ ଗିରଫ; ସୁନା ଓ ରୁପା ଅଳଙ୍କାର ଜବତ

**ଜଟଣୀ,୨୦।୧(ସମିସ):** ଜଟଣୀ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ମାର୍କେଟରେ ଥିବା ଜଣେ ବ୍ୟକ୍ତିଙ୍କ ଘର ଝରକା ତାଡ଼ି ସୁନା, ରୁପା ଓ ଟଙ୍କା ଲୁଟ୍ କରିବା ଘଟଣାରେ ଆଜି ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଜଟଣୀ ବାଲିଛକ ମୁଣ୍ଡିଆ ସାହିର ସଞ୍ଜିତ ସ୍ୱାଇଁ ଓରଫ୍ ଲିଟୁ(୨୪), ଗୋପବନ୍ଧୁ ନଗରର କାର୍ତ୍ତିକ ମହାରଣା ଓରଫ୍ କାହ୍ନା (୩୨), ଗୋପବନ୍ଧୁ ନଗରର ତ୍ରୈଲୋକ୍ୟ ହଦ ଓରଫ୍ ଶିବୁ (୨୭)। ସେମାନଙ୍କ ନିକଟରୁ ପୁଲିସ ସୁନା ଓ ରୁପା ଅଳଙ୍କାର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ଜଣେ ଜଣେ ପେଷାଦାର ଅପରାଧୀ ବୋଲି ଜଣାପଡ଼ିଛି। ଏମାନଙ୍କ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ପୁଲିସ କହିଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ପ୍ରଭାସିନୀ ମହାରଣାଙ୍କ ପରିବାର ସହ ରାମଚନ୍ଦ୍ରପୁର ମାର୍କେଟ ଅଞ୍ଚଳରେ ଭଡ଼ା ଘରେ ରହିଆସୁଛନ୍ତି। ଗତ ୩ ତାରିଖ ସକାଳେ ଘର ମାଲିକ ଘରେ ଅନୁପସ୍ଥିତ ଥିବା ବେଳେ ଅଭିଯୋଗକାରିଣୀ ପୁଅକୁ ଆଣିବା ପାଇଁ ସ୍କୁଲକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଲିଟୁ, କାର୍ତ୍ତିକ ଓ ତ୍ରୈଲୋକ୍ୟ ଅଭିଯୋଗକାରିଣୀଙ୍କ ଘରର ଝରକା ଭାଙ୍ଗି ଆଲମୀରାରୁ ସୁନା କାନଫୁଲ, ସୁନା



ଲକେଟ, ରୁପା ଗହଣା ଏବଂ ନଗଦ ଟଙ୍କା ଚୋରି କରି ନେଇଯାଇଥିଲେ। ଅଭିଯୋଗକାରିଣୀ ପୁଅକୁ ନେଇ ଘରକୁ ଫେରିବା ପରେ ଘରୁ ସୁନା ଓ ରୁପା ସାମଗ୍ରୀ ସବୁ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପରେ ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରୁଥିବା ବେଳେ ଆଜି ୩ ଜଣ ଅଭିଯୁକ୍ତ ଉକ୍ରଳ ଇଞ୍ଜିନିୟରିଂ କଲେଜ ନିକଟରେ ସନ୍ଦେହଜନକ ଅବସ୍ଥାରେ ବୁଲାବୁଲି କରିବା ସହିତ ଚୋରା ରୁପା ଓ ସୁନା ଅଳଙ୍କାର ସବୁକୁ କମ ଦାମରେ ବିକ୍ରି କରିବା ଲାଗି ଗ୍ରାହକ ସନ୍ଧାନରେ ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ଘଟଣାସ୍ଥଳରେ ଚଢ଼ଉ କରିବା ସହିତ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ସୁନା ଓ ରୂପା ଅଳଙ୍କାର ସବୁକୁ ଜବତ କରିଥିଲା ପୁଲିସ। ଚୋରି ଟଙ୍କାକୁ ସେମାନେ ଖର୍ଚ୍ଚ କରିଦେଇଥିବା କହିଥିଲେ। ଅନ୍ୟପଟେ ଗିରଫ ଅଭିଯୁକ୍ତମାନେ ଜଣେ ଜଣେ ପେଷାଦାର ଅପରାଧୀ ହୋଇଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ଅଭିଯୁକ୍ତ ଲିଟୁ ନାଁରେ ବିଭିନ୍ନ ଥାନାରେ ମୋଟ ୧୨ଟି ଅପରାଧିକ ମାମଲା ରହିଥିବା ବେଳେ କାହ୍ନା ନାଁରେ ସର୍ବାଧିକ ୨୨ଟି ଓ ଶିବୁ ନାଁରେ ୧୧ଟି ଅପରାଧିକ ମାମଲା ରହିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଚିଲିକାରେ ଚାଲିଛି ଡଲ୍‌ଫିନ୍ ଗଣନା

**ବାଲୁଗାଁ,୨୦।୧(ସମିସ):** ଚିଲିକାରେ ଡଲଫିନ ଗଣନା କାର୍ଯ୍ୟ ଚାଲିଛି। ୨୦ ତାରିଖ ସୋମବାର ସକାଳ ୬ଟାରୁ ଡଲଫିନ ଗଣନା କାର୍ଯ୍ୟ ଆରମ୍ଭ ହୋଇ ୧୨ଟା ଯାଏ ଚାଲିଥିଲା। ଏହି ଗଣନା ପ୍ରକ୍ରିୟା ୩ ଦିନ ଧରି ଚାଲି ୨୨ ତାରିଖରେ ଶେଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ଅନ୍ତର୍ଗତ ବାହାର ଚିଲିକା ତଥା ବାଲୁଗାଁ ରେଞ୍ଜରେ ୧୦ଟି ଟିମ୍ ଓ ସାତପଡ଼ା ରେଞ୍ଜରେ ୮ଟି ଟିମ୍ ସର୍ବମୋଟ ୧୮ଟି ଟିମ୍ ଗଠନ କରାଯାଇ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ପ୍ରତି ଟିମ୍‌ରେ ଜଣେ ବନ୍ୟପ୍ରାଣୀ ବିଶାରଦଙ୍କ ସହିତ ବନବିଭାଗର କର୍ମଚାରୀଙ୍କ ସମେତ ୫ରୁ ୭ ଜଣ ସଦସ୍ୟ ଏହି ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ୨୦ ତାରିଖରେ ବନ୍ୟପ୍ରାଣୀ ବିଶାରଦଙ୍କ ଦ୍ୱାରା ଗଣନା କରାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ, ୨୧ ଓ ୨୨ ତାରିଖରେ କେବଳ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ଗଣନା କାର୍ଯ୍ୟ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରତି ଟିମକୁ ଜିପିଏସ, ଡାଟା ସିଟ, ବାଇନାକୁଲାର ଓ ବିଭିନ୍ନ ଇକ୍ୟୁପମେଣ୍ଟ ସହିତ ଗୋଟିଏ ଡଙ୍ଗା ଯୋଗାଇ ଦିଆଯାଇଛି। ପାଣିର ଡେଥ ମେଜେରମେଣ୍ଟ ପାଇଁ କେବଳ ଗୋଟିଏ ଟିମ ଦ୍ୱାରା ହାଇଡ୍ରୋ ଫୋନ ନାମକ ଏକ ଯନ୍ତ୍ର ବ୍ୟବହାର କରାଯାଉଛି। ଯାହାଦ୍ୱାରା ଡଲଫିନ ମାନଙ୍କର ଶବ୍ଦ ଦ୍ୱାରା ଗଣନା କାର୍ଯ୍ୟ ସହଜ ହୋଇ ପାରିବ ବୋଲି ଚିଲିକା ୱାଇଲ୍ଡ ଲାଇଫ ଡିଏଫ୍‌ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ତେବେ ସୋମବାର ପାଣିପାଗ ଅନୁକୂଳ ପରିବେଶ ଥିବାରୁ ଚଳିତ ବର୍ଷର ଡଲଫିନ ଗଣନାରେ ସୁବିଧା ହୋଇଛି। ୨୦୨୧ ମସିହାରେ ୧୫୮ଟି ଡଲଫିନ ଚିଲିକାରେ ଦେଖା ଯାଇଥିବା ଗଣନାରୁ ଜଣାଯାଇଥିବା ସହ ଗତ ଦୁଇ ବର୍ଷ ହେଲା ଡଲଫିନ ସଂଖ୍ୟା ହ୍ରାସ ପାଇଛି। ଚଳିତ ବର୍ଷ ଡଲଫିନ ସଂଖ୍ୟା ବୃଦ୍ଧି ପାଇଥିବା ପ୍ରଥମ ଦିନର ଗଣନାରୁ ଅନୁମାନ କରାଯାଉଛି।



# ୨୧ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

**ବାଲୁଗାଁ,୨୦।୧(ସମିସ):** ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରି ବାଲୁଗାଁ ରେଳ ଷ୍ଟେସନରେ ଜିଆରପି ଓ ଆରପିଏଫ ବିଭାଗ ପକ୍ଷରୁ ସୋମବାର ପୂର୍ବାହ୍ନରେ ଚଢ଼ଉ କରାଯାଇ ଜଣେ ଅଭିଯୁକ୍ତଠାରୁ ୨ଟି ବ୍ୟାଗ ଭର୍ତ୍ତି ବିପୁଳ ପରିମାଣରେ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସଂପୃକ୍ତ ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀକୁ ଗିରଫ କରିବାରେ ସଫଳ ହୋଇଛି ରେଳବାଇ ପୁଲିସ। ସେ ହେଲା, ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଖଲାରିସାହି ଖଲ୍ଲିକୋଟ ରୋଡ୍‌ର ଅର୍ଜୁନ ପ୍ରଧାନଙ୍କ ପୁଅ ଟିଟୁ ପ୍ରଧାନ (୩୬)। ତା' ନିକଟରୁ ୨୧ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି।



ପ୍ରକାଶ ଯେ, ସୋମବାର ପୂର୍ବାହ୍ନ ପ୍ରାୟ ୮ଟାରେ ବାଲୁଗାଁ ଷ୍ଟେସନର ୧ନମ୍ବର ପ୍ଲାଟଫର୍ମରେ ଜଣେ ବ୍ୟକ୍ତି ୨ଗୋଟି ବ୍ୟାଗ ଧରି ଭୁବନେଶ୍ୱର ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନକୁ ଅପେକ୍ଷା କରିଥିଲା। ତେବେ ତାର ଗତିବିଧିକୁ ଦେଖି ସନ୍ଦେହ ହେବା ସହ ଉକ୍ତ ବ୍ୟକ୍ତି ଜଣକ ଚୋରା ଗଞ୍ଜେଇ ବେପାରୀ ବୋଲି ବିଶେଷ ସୂତ୍ରରୁ ଖବର ପାଇ ଆରପିଏଫ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ ଓ ରେଳ ସୁରକ୍ଷାବଳର ଅଧିକାରୀମାନେ ସଦଳବଳେ ଚଢ଼ଉ କରି ଟିଟୁକୁ ଧରି ଉକ୍ତ ବ୍ୟାଗ ଦ୍ୱୟକୁ ତଲାସିବାରେ ସେଥିରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉକ୍ତ ବ୍ୟାଗରେ ଥିବା ପ୍ରାୟ ୨୧ କେଜି ୩୦୦ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୧୩ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଅଭିଯୁକ୍ତକୁ ପଚାରିବାରେ ଉକ୍ତ ଗଞ୍ଜେଇ ଟ୍ରେନ ଯୋଗେ ବାଙ୍ଗାଲୋର ଚାଲାଣ ହେଉଥିବା କହିଥିଲା। ରେଳବାଇ ପୁଲିସ ଏକ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

ଟିପିସିଓଡିଏଲ୍ ପକ୍ଷରୁ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍

# ଜଙ୍କିଆ ସବ୍‌ଡିଭିଜନ୍ ଚାମ୍ପିଅନ

**ବେଗୁନିଆ,୨୦।୧(ସମିସ)**

ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ପରିସରରେ ଟିପିସିଓଡିଏଲ ପକ୍ଷରୁ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଟିପିସିଓଡିଏଲ ସବ୍‌ଡିଭିଜନ ଅଧିକାରୀ ଇଁ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳଙ୍କ ନେତୃତ୍ୱରେ ୬ଟି ଦଳ ଯଥା ଖୋର୍ଦ୍ଧା, ବେଗୁନିଆ, ବାଙ୍କୀ, ଜଙ୍କିଆ, ଜଟଣୀ ସବ୍‌ଡିଭିଜନ ଓ ଖୋର୍ଦ୍ଧା ଡିଭିଜନ ମଧ୍ୟରେ ୫ ଓଭର ବିଶିଷ୍ଟ କ୍ରିକେଟ ମ୍ୟାଚ୍ ହୋଇଥିଲା। ଖେଳକୁ ଖୋର୍ଦ୍ଧା ଡିଭିଜନର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ପବିତ୍ର କୁମାର ଜେନା ମୁଖ୍ୟଅତିଥି ଓ ଭୁବନେଶ୍ୱର-୨



ସର୍କଲର ବାଣିଜ୍ୟ ବିଭାଗର ମୁଖ୍ୟ ଦେବେନ୍ଦ୍ର ଶର୍ମା ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାର ପ୍ରମୁଖ ମାଧ୍ୟମ ଖେଳ ବୋଲି ମତ ପ୍ରକାଶ କରିଥିଲେ। ଜଙ୍କିଆ ସବ୍‌ଡିଭିଜନ ଓ ଖୋର୍ଦ୍ଧା ସବ୍‌ଡିଭିଜନ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ପ୍ରଥମେ ଜଙ୍କିଆ ବ୍ୟାଟିଂର ନିଷ୍ପତ୍ତି ନେଇ ୫ ଓଭରରେ ୪୦ ରନ୍ ସଂଗ୍ରହ କରିଥିଲା। ଖୋର୍ଦ୍ଧା ନିର୍ଦ୍ଧାରିତ ଓଭର ମଧ୍ୟରେ ସମସ୍ତ ୱିକେଟ ହରାଇ ୩୦ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଶେଷରେ ଜଙ୍କିଆ ସବ୍‌ଡିଭିଜନ ଚାମ୍ପିଅନ୍ ହୋଇଥିବା ବେଳେ ଖୋର୍ଦ୍ଧା ସବ୍‌ଡିଭିଜନ ରନର୍ସ ଅପ୍ ଘୋଷଣା କରାଯାଇଥିଲା।

# ୨୫ରୁ ଓସ୍ତପୁର ଲୋକ ଉତ୍ସବ

**ବେଗୁନିଆ,୨୦।୧(ସମିସ):** ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ଗ୍ରାମରେ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଲୋକ ଉତ୍ସବ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲୁ ରହିବ। ଏଥିରେ ଜିଲ୍ଲା ସଂସ୍କୃତି ବିଭାଗ ଓ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ଲୋକପ୍ରିୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୨୫ ଓ ୨୬ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏନେଇ ଲୋକ ଉତ୍ସବ କମିଟିର ସଭାପତି ସତ୍ୟବ୍ରତ ପଣ୍ଡା, ସମ୍ପାଦକ ସ୍ମୃତି ରଞ୍ଜନ ପଣ୍ଡା ଓ କୋଷାଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

